ସକାଳ
THE SAKALA



www.sakalaepaper.com

ଭିନ୍ନକ୍ଷମଙ୍କ ପ୍ରତି ଇଏ କି ସମ୍ମାନ

# ଅନିର୍ଦ୍ଦିଷ୍ଟ କାଳ ସ୍ଥଗିତ ରହିଲା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଲାଙ୍ଗିର/ଲୋଇସିଂହା, ୧୯ ।୧୨(ସମିସ)**

ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଲୋଇସିଂହା ବ୍ଲକ ପ୍ରଶାସନର ଭିନ୍ନକ୍ଷମଙ୍କ ପ୍ରତି ଇଏ କି ପ୍ରକାର ସମ୍ମାନ। ଭିନ୍ନକ୍ଷମମାନଙ୍କ ଉଦ୍ଦେଶ୍ୟରେ ଆୟୋଜିତ ହେଉଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ହେବାର ଥିଲା। ଏନେଇ ସମସ୍ତ ପ୍ରସ୍ତୁତି ସରିଯାଇଥିବା ବେଳେ ହଠାତ ୧୯ ତାରିଖରେ ଏହି ଶିବିରକୁ ଅନିର୍ଦ୍ଦିଷ୍ଟ ସମୟପାଇଁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। କିନ୍ତୁ କାହିଁକି ତାହା ସ୍ପଷ୍ଟ ହୋଇ ନ ଥିବାବେଳେ କୁଆଡ଼େ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ସମୟ ନ ଥିବାରୁ ଏହି ଶିବିରକୁ ସ୍ଥଗିତ ରଖାଯାଇଥିବା ଆଲୋଚନା ହେଉଛି। ଶିବିର ପାଇଁ ସପ୍ତାହେ ଧରି ପ୍ରଚାର କରାଯାଇଥିବାବେଳେ ବାତିଲ କିନ୍ତୁ କେବଳ ପ୍ରଶାସନିକ ସ୍ତରରେ ଏହାକୁ ସ୍ଥଗିତ ରଖାଯିବା ଦ୍ୱାରା ଭିନ୍ନକ୍ଷମମାନେ ହଇରାଣ ହେବା ସ୍ୱାଭାବିକ ବିଷୟ। ତେବେ ଭିନ୍ନକ୍ଷମଙ୍କ ପ୍ରତି ବ୍ଲକ ଓ ଜିଲ୍ଲା ପ୍ରଶାସନର ଏହିଭଳି ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

**ଲୋଇସିଂହା ବ୍ଲକରେ ଆଜି ହେବାର ଥିଲା**

ଭିନ୍ନକ୍ଷମମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ବିଭିନ୍ନ ସମସ୍ୟା ଶୁଣିବା ଓ ସମାଧାନ କରିବା ଉଦ୍ଦେଶ୍ୟରେ ବ୍ଲକସ୍ତରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଥାଏ। ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଲୋଇସିଂହା ବ୍ଲକରେ ଏହି ଶିବିର ଶୁକ୍ରବାର ଅୟୋଜନ କରାଯିବା ପାଇଁ ସ୍ଥିର ହୋଇଥିଲା। ଲୋଇସିଂହା ପଞ୍ଚାୟତ ସମିତି ଚିଠି ଅନୁସାରେ ଏହି ଶିବିର ୨୦ ତାରିଖ (ଶୁକ୍ରବାର)ରେ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା। ଏନେଇ ଗାଁରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଥିଲା। ସମସ୍ତ ସ୍ଥାନୀୟ ଜନପ୍ରତିନିଧି, ଗଣମାଧ୍ୟମକୁ ମଧ୍ୟ ପ୍ରଚାରପ୍ରସାର ପାଇଁ ସୂଚନା ଦିଆଯାଇଥିଲା। କେବଳ ଏତିକି ନୁହଁ ଶୁକ୍ରବାର ଏହି କାର୍ଯ୍ୟକ୍ରମ ଥିବାରୁ ଗତ ଦୁଇ ଦିନ ହେଲା ବ୍ଲକ ପରିସରରେ ଏହାର ପ୍ରସ୍ତୁତି ମଧ୍ୟ ଜୋରସୋରରେ ଚାଲିଥିବା ବେଳେ ଶେଷ ମୁହୂର୍ତ୍ତରେ ଏହା ସ୍ଥଗିତ କରାଯାଇଥିବା ଜଣାପଡ଼ିଛି। ଏନେଇ ଜିଲ୍ଲାପାଳ କାର୍ଯ୍ୟାଳୟ, ସମାଜିକ ସୁରକ୍ଷା ବିଭାଗ ଚିଠି ଅନୁସାରେ ଲୋଇସିଂହା ଓ ପୁଇଁନ୍ତଳା ବ୍ଲକରେ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ତାରିଖ ପୁଣି ଥରେ ଘୋଷଣା କରାଯିବ ବୋଲି ଦର୍ଶାଯାଇଛି। ଏନେଇ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସାଂସଦ, ଜନ ପ୍ରତିନିଧି ଓ ଅନ୍ୟ ସଙ୍ଗଠନକୁ ସୂଚନା ଦିଆଯାଇଛି।

# ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ପରିକ୍ରମା

**ଦେଓଗାଁ, ୧୯।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ତଥା ସଚେତନତା ରଥ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ବ୍ଲକ ଅଞ୍ଚଳର ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରରୁ ଏହି ସଚେତନତା ରଥ ବାହାରି ଦେଓଗାଁ, କୁତୁର୍ଲା, ବଡ଼ବନ୍ଧ, ଦେଷଣ୍ଡ, ବନ୍ଧପଡ଼ା, ବୁଢାବାହାଲ, ସିକୁଆଁ, ଭୁତିଆରବାହାଲ, ଗାଇବାହାଲ, ଉପରଝର, ମହଲେଇ, କୁଲତାପଡ଼ା, ଅର୍ଜୁନପୁର, ବଡ଼ବାହାଲ, ଗୁଡ଼ଖାପଲା ପଞ୍ଚାୟତର ବିଭିନ୍ନ ଗାଁକୁ ରଥ ପରିକ୍ରମା କରିଥିଲା। ଗ୍ରାମ ମଙ୍ଗଳ ପାଠାଗାର ସମ୍ପାଦକ ଭୁବନେଶ୍ୱର ସାମଲ, ସଙ୍ଗୀତ ଶିକ୍ଷକ ଶିବ ପ୍ରସାଦ ସାହୁ, ସାନନ୍ଦ ଷଡ଼ଙ୍ଗୀ, ଠାକୁର ଭୋଇ, ଗତିକୃଷ୍ଣ ସାହୁ, ନିବେଦିତା ସାମଲ, ସାନନ୍ଦ ଭୋଇ, ସୁରେଶ ମହାକୁର, ରମାକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ରକ୍ତଦାନ ଶିବିର; ୬୧ ୟୁନିଟ୍ ସଂଗ୍ରହ




**ତୁଷୁରା, ୧୯ ।୧୨(ସମିସ):** ତୁଷୁରାର ମାରୱାଡି ଯୁବା ମଞ୍ଚ, ଜାଗୃତି ଶାଖା, ତେରାପନ୍ଥ ମହିଳା ମଣ୍ଡଳ ଓ ମାରୱାଡ଼ି ମହିଳା ସମିତି ସହଯୋଗରେ ତୁଷୁରାସ୍ଥିତ ଅଗ୍ରସେନ ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୬୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ପିଙ୍କ୍ ଅଗୱାଲ, ଗୌରବ ଶର୍ମା, ଦେବାଶିଶ ମହାପାତ୍ର, ବଜରଙ୍ଗଲାଲ କେଡ଼ିଆ, ମୁଜା ଥନାପତି, ଇଶ୍ୱର ବଯାଇ କେଡ଼ିଆ, ଶ୍ୟାମ ମାଝୀ, ସୁମିତା ନାଗ, କୁମୁଦିନୀ କଏଣ୍ଡା, ମନୋଜ ପ୍ରଧାନ, ଜୟଦେବ ପ୍ରଧାନ, ମନିଷା କେଡ଼ିଆ, ଶାରଦାଦେବୀ ମେଡିଆ, ରୋଷନଲାଲ ଜୈନ, ସୁରେଶ ସାହୁ, ଯୋଗେଶ ଜୈନ, ଦୀପକ ଭୋଇ, ବିଶେଶ୍ୱର ମେହେର, କ୍ଷୀରୋଦ ଧରୁଆ, ଅଖିବା ସାମନ୍ତ, ଶିବୁ କବାଟ, ରୋନକ ଅଗ୍ରୱାଲ, ଶେଷଦେବ ଭୋଇ ପ୍ରମୁଖ ରକ୍ତଦାନ କରିଥିଲେ। ବଲାଙ୍ଗିର ରକ୍ତ ଭଣ୍ଡାର ଟିମର ଡା. ସୁମାତ ମୁଣ୍ଡଙ୍କ ଉପସ୍ଥିତିରେ ଟେକନିସିଆନ ରୋଜାଲିନ ନାଏକ, ସଂଗ୍ରାମ କେଶରୀ ରଣା, ରାଜେନ୍ଦ୍ର ପାଇକ, ଚନ୍ଦ୍ରପ୍ରକାଶ ନାଗ ଓ ଅକ୍ଷୟ ବାଗ ଉକ୍ତ ସଂଗ୍ରହ କରିଥିଲେ। ଏଥିରେ ମାରୱାଡି ଯୁବା ମଞ୍ଚ ସଭାପତି ଅରବିନ୍ଦ କେଡ଼ିଆ, ସମ୍ପାଦକ ରୋହିତ ଅଗ୍ରୱାଲ, ଦିନଦୟାଲ କେଡିଆ, ଅମିତ ଜୈନ, ପିଙ୍କୁ ଅଗ୍ରୱାଲ, ଜାଗୃତି ଶାଖାର ଅଧ୍ୟକ୍ଷା ପ୍ରିୟା କେଡ଼ିଆ, ସମ୍ପାଦିକା ରିଙ୍କି ଅଗ୍ରୱାଲ, ଉପାଧ୍ୟକ୍ଷା ସୀମା ଜୈନ, କବିତା ଶର୍ମା, ଜୈନ ତେରାପନ୍ଥୀ ମହିଳା ମଣ୍ଡଳର ଅଧ୍ୟକ୍ଷା ପୂଜା ଜୈନ, ସମ୍ପାଦିକା ସୁମନ ଜୈନ, ଶାରଦା ଦେବୀ କେଡ଼ିଆ, ସମ୍ପାଦିକା ସୁଶୀଲା ଅଗ୍ରୱାଲ, ମାରା କେଡ଼ିଆ ଓ ସମସ୍ତ ସଦସ୍ୟ ସହଯୋଗ କରିଥିବାବେଳେ ସୁନୀଲ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୃହ ମନ୍ତ୍ରୀଙ୍କ ମନ୍ତବ୍ୟରେ ପ୍ରତିବାଦ

**ବଲାଙ୍ଗିର, ୧୯।୧୨(ସମିସ):** ଭାରତୀୟ ସମ୍ବିଧାନର ନିର୍ମାତା ଡ. ବି.ଆର୍ ଆମ୍ବେଦକର ଦେଶର ଅମୂଲ୍ୟ ସମ୍ପଦ। ମାନବବାଦ ପ୍ରତିଷ୍ଠା ଦିଗରେ ତାଙ୍କ କାର୍ଯ୍ୟ ବିଶ୍ୱରେ ମର୍ଯ୍ୟାଦା ସମ୍ପନ୍ନ। ତାଙ୍କ କଲମରେ ଦେଶ ନିର୍ମାଣର ସ୍ଥାୟିତ୍ୱ ମାନବ ସଭ୍ୟତା ଥିବା ପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ବିଜ୍ଞ ମାନବଙ୍କୁ ଦେଶର ଗୃହମନ୍ତ୍ରୀ ଅମିତ ଶାହା ରାଜ୍ୟସଭାରେ ଅପମାନିତ ଉପହାସ କରି ନିମ୍ନସ୍ତରର ମନ୍ତବ୍ୟ ଦେବା ପ୍ରତିବାଦରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମ୍ବେଦକରବାଦୀ ବ୍ୟକ୍ତି ବିଶେଷ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯଦି ଅମିତ ଶାହା ସର୍ବ ସମ୍ମୁଖରେ କ୍ଷମା ପ୍ରାର୍ଥନା ନକରନ୍ତି ତେବେ ବିରୋଧ ଆଗକୁ ଆହୁରି ତୀବ୍ର ଏବଂ ତାଙ୍କୁ ଗୃହମନ୍ତ୍ରୀ ପଦରୁ ଯଥାଶୀଘ୍ର ବହିଷ୍କାର କରାଯାଉ। ବିକ୍ଷୋଭରେ ଅର୍ଜୁନ ମୁଗ୍ରୀ, ଅଶୋକ ହରିପାଲ, ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, କାର୍ତ୍ତିକେଶ୍ୱର ନାଗ, ଦେବରାଜ ମହାନନ୍ଦ, ଆକାଶ ସାଗର, ହିମାଂଶୁ ବିଭାର, ଲଳିତ ନାଏକ, କିଶନ କୁମାର ମୁଗ୍ରୀ, ପବିତ୍ର ନାଗ, ଗୋପବନ୍ଧୁ ଜଗଦଲା, ରଞ୍ଜନ ବାରିକ, ପ୍ରଭାସ ମିଶ୍ର, ଜନ୍ମେଜୟ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# ଜିଲ୍ଲାପାଳଙ୍କ ସହ ଆଦିବାସୀ କଲ୍ୟାଣ ସଂଘର ବୈଠକ

**ବଲାଙ୍ଗିର, ୧୯ ।୧୨(ସମିସ):** ଜିଲ୍ଲାପାଳ କନ୍‌ଫରେନ୍ସ ହଲ୍‌ଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କୁଲିମାନଙ୍କୁ ଆଦିବାସୀ ଜାତିଗତ ପ୍ରମାଣପତ୍ର ନ ଦେବାକୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଓ କରି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଆଦିବାସୀ ମନ୍ତ୍ରୀ, କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଜିଲ୍ଲାପାଳ ୧୯ ତାରିଖରେ ଜିଲ୍ଲାପାଳ ଓ ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ବୈଠକ କରିବାକୁ ପ୍ରତଶ୍ରୁତି ଦେଇଥିଲେ। ଗୁରୁବାର ଜିଲ୍ଲାପାଳ କନ୍‌ଫରେନ୍ସ ହଲ୍ ଠାରେ କୁଳି ଜାତିକୁ ଆଦିବାସୀ ଜାତିଗତ ପ୍ରମାଣପତ୍ର ଦେଉଥିବା ବିଷୟରେ ଆଲୋଚନା ହୋଇଥିଲା। ଆଦିବାସୀ ସଂଘ ପକ୍ଷରୁ ଯୁକ୍ତି ଉପସ୍ଥାପନ କରି ଓଡ଼ିଶା ସରକାରଙ୍କ ଆଦିବାସୀ ଜାତିଗତ ପ୍ରମାଣ ପତ୍ର ତାଲିକା ନଂ. ୪୨ରେ କୁଲିସ୍‌ମାନଙ୍କୁ ଆଦିବାସୀ ଜାତିଗତ ପ୍ରମାଣ ପତ୍ର ଦେବାର ପ୍ରାବଧାନ ରହିଛି। କୁଲି ଏବଂ କୁଲିସ ସମାନ ବୋଲି କୁଲି ମାନଙ୍କୁ କାହିଁକି ଆଦିବାସୀ ଜାତିଗତ ପ୍ରମାଣ ପତ୍ର ଦିଆ ଯାଉଛି, କୁଲି ମାନେ ପ୍ରକୃତରେ ଆଦିବାସୀ ନୁହନ୍ତି ସେମାନଙ୍କର ଆଦିବାସୀ ସଂସ୍କୃତି, ପ୍ରଥା, ପରମ୍ପରା, ପୂଜା ପଦ୍ଧତି ସହିତ କୌଣସି ପ୍ରକାର ସାମଞ୍ଜସ୍ୟ ନାହିଁ। କୁଲିମାନେ ବିଗତ ଦିନରେ ଏସ୍‌ସି ପ୍ରମାଣ ପତ୍ର ନେଇଛନ୍ତି ଓ କେତେବେଳେ ଓବିସି ପ୍ରମାଣ ପତ୍ର ମଧ୍ୟ ନେଇଛନ୍ତି, ବର୍ତ୍ତମାନ ଏମାନେ ଆଦିବାସୀ ବୋଲି ଜାତିଗତ ପ୍ରମାଣ ପତ୍ର ହାତେଇଛନ୍ତି। ବଲାଙ୍ଗିର ଜିଲ୍ଲାପାଳ କେଉଁ ଉଦ୍ଦେଶ୍ୟରେ କାହା ଚାପରେ କୁଲିମାନଙ୍କୁ ଆଦିବାସୀ ଜାତିଗତ ପ୍ରମାଣପତ୍ର ଦେଲେ ପ୍ରଶ୍ନବାଚୀ ବିଷୟ ବୋଲି କହିଥିଲେ। ଏଥିରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଭୋଇ, କାର୍ଯ୍ୟକାରୀ ସଭାପତି ବନଲତା ମାଝୀ, ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ଟିଟିଲାଗଡ଼ ବ୍ଲକ ସଭାପତି ପଦ୍ମନ ପଧାନୀ, ଗୁଡ଼ଭେଲା ସଭାପତି ବିକ୍ରମ ଭୋଇ, ବେଲପଡ଼ା ସଭାପତି ରସିକ ଧରୁଆ, ଖପ୍ରାଖୋଲ ସଭାପତି ଚନ୍ଦ୍ର ଶେଖର ବରିହା, ଆଗଲପୁର ସଭାପତି ଭୁବନେଶ୍ୱର ଧରୁଆ, ସଇଁତଲା ସଭାପତି ସନ୍ତୋଷ ପୁଟା, ସଂଯୋଜକ ଗୌରାଙ୍ଗ ବରିହା, ସଂଗଠକ ଥବିର ପୁଝାରୀ, ନିତ୍ୟା ମାଝୀ, ପଞ୍ଚାନନ ଭୋଇ, ଧନରାମ ଭୋଇ, ଗୋପାଳ ପଧାନ ଓ ଅନ୍ୟ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ।

## ବିଜୁ ଯୁବ ଜନତା ଦଳ ର ସଦସ୍ୟତା ସଂଗ୍ରହ ଅଭିଯାନ ବୈଠକ

**ଲୋଇସିଂହା, ୧୯ ।୧୨(ସମିସ):** ଲୋଇସିଂହା ନିର୍ବାଚନମଣ୍ଡଳୀ ବିଜୁ ଯୁବ ଜନତା ଦଳ ତରଫରୁ ଅନଲାଇନ ସଦସ୍ୟତା ଅଭିଯାନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ବୈଠକରେ ବଲାଙ୍ଗିର ଜିଲ୍ଲା ବିଜୁ ଯୁବ ଜନତା ଦଳ ପାଇଁ ନିଯୁକ୍ତି ହୋଇଥିବା ପର୍ଯ୍ୟବେକ୍ଷକ ଅମ୍ବିକା ଦାସ ଯୋଗଦାନ କରିଥିଲେ। ବୈଠକରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, ଜିଲ୍ଲା ଯୁବ ସଭାପତି ରାଜେନ୍ଦ୍ର ହୋତା, ଲୋଇସିଂହା ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ଆଗଲପୁର ବ୍ଲକ ସଭାପତି ପଞ୍ଚୁ ପଧାନ, ପୁଇଁତଲା ବ୍ଲକ ସଭାପତି ବିଷ୍ଣୁ ପଟେଲଙ୍କ ସମେତ ଲୋଇସିଂହା ବିଧାନସଭା ନିର୍ବାଚନ ମଣ୍ଡଳୀର ତିନି ବ୍ଲକର ଯୁବ ସଭାପତି, ଛାତ୍ର ସଭାପତି ୬୫ ପଞ୍ଚାୟତରୁ ଯୁବକ ଓ ଛାତ୍ରମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଆଗାମୀ ଦିନରେ ବିଶେଷ ଭାବରେ ଯୁବ ଓ ଛାତ୍ରମାନେ ବିଜେଡିରେ ଅଧିକରୁ ଅଧିକ କେମିତି ଜଡ଼ିତ ହୋଇପାରିବେ ଓ ତୃଣମୂଳସ୍ତରରୁ ଦଳକୁ କିଭଳି ଆହୁରି ମଜଭୁତ୍ କରାଯିବ ସେନେଇ ଆଲୋଚନା କରାଯାଇଥିଲା।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ବଲାଙ୍ଗିର, ୧୯ ।୧୨(ସମିସ):** ବଲାଙ୍ଗିର ସଦର ବ୍ଲକ ଅଧୀନ କୁଟୁମ୍ବଡୋଳା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ଠେଟୁଆଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ବିଦ୍ୟାଳୟର ଉପଦେଷ୍ଟା ବିଦୁ ଭୂଷଣ ସିଂଦେଓ, ପରିଚାଳନା କମିଟି ସଭାପତି ଲବ ବିଶ୍ୱାଳ ଓ ମୋ ସ୍କୁଲ ସଭାପତି ଚିନ୍ତାମଣି ପଟେଲ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ସୁଚାରୁବାଳା ଦେବୀ ଓ ପ୍ରସାଦି ନାଏକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସୁଧାଂଶୁ ପଟେଲ ପରିଚାଳନା କରିଥିବାବେଳେ ଅମ୍ବୁଜ କୁମାର ପଟେଲ, ବୃଷଭ ସେଠ, ଗୋପାଳ ଚନ୍ଦ୍ର ପାଣ୍ଡିଆ, ମଳୟ ରଞ୍ଜନ ମିଶ୍ର, ଜୟଦେବ ନାଏକ ସହଯୋଗ କରିଥିଲେ। ଏହି ଉତ୍ସବରେ ଶ୍ରେଷ୍ଠ ଖେଳାଡି ଭାବେ ସୋହନ ସାହୁ, ନିତୁ ପୋଡ଼, ଅଙ୍କିତ ବିଶ୍ୱାଳ ଓ ଅଲିଭା ରଣାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦୁଇଦିନ ଧରି ଚାଲିଥିବା ଉତ୍ସବକୁ ପ୍ରମୋଦ କୁମାର ରାଉତ, ସୁମନ୍ତ କୁମାର ଦାଶ, ପିତାମ୍ବର ପଧାନ ଓ ସୁଜିତ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଅର୍ଚ୍ଚନା ମହାପାତ୍ର ଓ ସ୍ନେହଲତା ପଧାନ ତଥ୍ୟ ରକ୍ଷକଭାବେ କାର୍ଯ୍ୟ ତୁଲାଇ ଥିଲେ।

# ପୁଇଁତଳା ବ୍ଲକ୍‌ରେ ବର୍ଣ୍ଣାଳି ପ୍ରଶିକ୍ଷଣ ଶିବିର



**ବଲାଙ୍ଗିରଁ, ୧୯।୧୨(ସମିସ):** ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା)ଓ ସମଗ୍ର ଶିକ୍ଷା ଅଭିଯାନ(ଏସ୍‌ଏସ୍‌ଏ )ବଲାଙ୍ଗିର ତରଫରୁ ପୁଇଁତଲା ବ୍ଲକର ରାମଜୀ ହାଇସ୍କୁଲ କୁରୁଲ ଓ ରଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଇଓ ଲୋକନାଥ ସୁନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ପ୍ରଥମ ପର୍ଯ୍ୟାୟରେ କୁରୁଲ ହାଇସ୍କୁଲରେ ୩୬ଜଣ ଓ ଦ୍ୱିତୀୟ ପର୍ଯ୍ୟାୟ ରଣ୍ଡା ହାଇସ୍କୁଲରେ ୩୫ଜଣ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଲିଙ୍ଗ ସମ୍ବେଦନଶୀଳତା ଓ ପାଠ୍ୟକ୍ରମ ସହ ସଂଯୋଗୀକରଣ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏବିଇଓ ନୀଳମଣି ପଣ୍ଡା ଓ ଲଛମନ ପଧାନ ଶିବିରର ତଦାରଖ କରିଥିଲେ। ସାଧନକର୍ମୀ ଅଞ୍ଜନ ସାଏ, ଶୈଳେନ୍ଦ୍ରୀ ପରିଡ଼ା, ଗୀତାଞ୍ଜଳି ରଥ ଓ ରଞ୍ଜିତ ମିଶ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଆଇନ ସଚେତନତା କାର୍ଯ୍ୟକ୍ରମ




**ଦେଓଗାଁ, ୧୯।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅଧିନସ୍ଥ ଧ୍ରୁବା ଆନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଇତିହାସ ଅଧ୍ୟାପକ ବିଜୟ କୁମାର ଜାଲଙ୍କ ସଭାପତିତ୍ୱରେ ଆଇନ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ଅଧିକାରୀ ତଥା ବରିଷ୍ଠ ନ୍ୟାୟଧିଶ ପବିତ୍ରାନନ୍ଦ ପଧାନ ଯୋଗଦେଇ କର୍ମଜୀବି ମହିଳା ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା, ନିଶା ନିବାରଣ ସମ୍ପର୍କିତ ରହିଥିବା ସମ୍ବିଧାନିକ ଅଧିନିୟମ ଗୁଡିକ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ, ଇଂରାଜୀ ଅଧ୍ୟାପକ ମଙ୍ଗଳ ସାହୁ, ଗ୍ରନ୍ଥାଗାର ଗୌରାଙ୍ଗ ବେମାଲ, ଖେଳଶିକ୍ଷକ ସରୋଜ କୁମାର ନାଏକ ପ୍ରମୁଖ ସହଯୋଗ କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ବଳରାମ ପଧାନ ଧନ୍ୟବାଦ ଦେଇଥିଲେ।

## ବିଏସ୍‌ଏଫ୍ ପରୀକ୍ଷାରେ କୃତୀ ଭୂମିସୁତାଙ୍କୁ ସମ୍ବର୍ଦ୍ଧନା

**କଣ୍ଟାବାଞ୍ଜି, ୧୯ ।୧୨(ସମିସ):** କଣ୍ଟାବାଞ୍ଜି ସହରସ୍ଥିତ ନୂଆପଡ଼ା ବାସିନ୍ଦା ମଣିଆ ବେହେରାଙ୍କ କନିଷ୍ଠ ଝିଅ ଭୂମିସୁତା ବେହେରା ବିଏସଏଫ୍ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇ ଥିବାରୁ ତାଙ୍କୁ ବିଭିନ୍ନ ସଂଗଠନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବାପା ମା'ଙ୍କ ଆଶୀର୍ବାଦରେ ଏହା ସମ୍ଭବ ବୋଲି ମଧ୍ୟ ଭୂମିସୁତା କହିଛନ୍ତି। ସହରର ପ୍ରଥମ ମହିଳା ଭାବରେ ସେ ଭାରତୀୟ ସୀମା ସୁରକ୍ଷା ବଳରେ ଯବାନ ଭାବରେ କାର୍ଯ୍ୟ କରିବେ। ପରୀକ୍ଷା ଫଳ ବାହାରିଲା ପରେ କଣ୍ଟାବାଞ୍ଜି ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଶାନ୍ତନୁ ବିଭାରଙ୍କ ନେତୃତ୍ୱରେ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ସୈନିକ କାହ୍ନୁଚରଣ ମିଶ୍ର ମଧ୍ୟ ତାଙ୍କ ଘରକୁ ଯାଇ ମାନପତ୍ର ଦେବା ସହ ସମ୍ମାନିତ କରିଛନ୍ତି।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ବଲାଙ୍ଗିର, ୧୯।୧୨(ସମିସ):** ସାମ୍ବାଦିକ କୁନା ବାଗଙ୍କ ପିତୃ ବିୟୋଗ ଘଟିଛି। ପିତା ରାଧେଶ୍ୟାମ ବାଗଙ୍କୁ ୭୭ ବର୍ଷ ବୟସ ହେଉଥିଲା। ରାଧେଶ୍ୟାମ ବାଗ ପଞ୍ଚାୟତ କାର୍ଯ୍ୟାଳୟରେ ମୁଖ୍ୟ କିରାଣି ଭାବେ ଚାକିରି ଜୀବନର



ଶେଷ ଦାୟିତ୍ୱ ତୁଲାଇଥିଲେ। ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ଥିଲେ। କିଛିଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଦେଇ ଗତି କରୁଥିଲେ। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଭୀମଭୋଇ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ଶେଷ ସମୟରେ ପୁଅ ଗୋପାଳ, କୁନା, ମୁନା, ଟୁନା, ବୋହୂ ତାରାମ, ହସମିତା, ମୀନା, ସଙ୍ଗୀତା, ଦୁଇ ଝିଅ ରିନା, ପିଙ୍କି, ନାତି ନାତୁଣି ପ୍ରାଚୀ, ଶୁଭମ, ସତ୍ୟମ, ସ୍ୱାଗତ, ପିଣ୍ଟୁ, ରିଣ୍ଟୁ ଓ ମଣ୍ଟୁ ଉପସ୍ଥିତ ଥିଲେ। ବଡ଼ ପୁଅ କୁନା ମୁଖାଗ୍ନି ଦେଇଥିଲେ।

# ଶୁଲିଆ ମହୋତ୍ସବ ପ୍ରସ୍ତୁତି ବୈଠକ



**ଦେଓଗାଁ, ୧୯।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ କୁଲତାପଡ଼ା ଶୁଲିଆ ପୀଠରେ ହେବାକୁ ଥିବା ପଞ୍ଚମ ଶୁଲିଆ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ବନ୍ଧପଡ଼ା ସମିତିସଭ୍ୟ କାନ୍ତେଶ୍ୱର ପଧାନ, ଯୁବନେତା ବିଶ୍ୱଜିତ ପାତ୍ର, ଅସିତ ମିଶ୍ର, ପ୍ରଫୁଲ୍ଲ ଦାସ, ଅନ୍ତ ଚୌହାନ, ପଞ୍ଚୁଦେବ ମହାନନ୍ଦ, ହିମାଂଶୁ ଗଡ଼ତ୍ୟା, କାଳିନ୍ଦ୍ରୀ ମାଝୀ, ଅର୍ଜୁନ ସାହୁ, ଚକ୍ରଧର ମଲ୍ଲିକ, ଶଶିଭୂଷଣ ଗଡ଼ତ୍ୟା, ସୁଦାମ ବାଗ, ଦୁର୍ବାସା ସେଠ, ବରୁଣ ମହାନନ୍ଦ, ମନୋରଞ୍ଜନ ସାହୁ, ସଞ୍ଜୀବ ମହାକୁର, ମନୋଜ ବାରିକ, ଚନ୍ଦ୍ର ବାରିକ, କଂସାବିର ବାଗ, ମୁଖ୍ୟ ଦେହୁରୀ ସୋମନାଥ ଦେହୁରିଆ, ନିରନ କୁଅଁର, ରାଜିନ କୁଅଁର, ଅନ୍ତ ହେହୁରିଆ, ମଧୁବନ ଭୋଇ, ଜଗଦିଶ କୁଅଁର, ବସନ୍ତ କାଲସାଏ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଖଇରଗୁରା ଶୁଲିଆ ପାହାଡ଼ ପାଦଦେଶରେ ତିନି ଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ମହୋତ୍ସବକୁ ବିଭ୍ରାନ୍ତ କରିବାପାଇଁ ଅଣଆଦିବାସୀ କିଛି ବ୍ୟକ୍ତି ଚକ୍ରାନ୍ତ କରୁଥିବା କମିଟି ସଭାପତି ମୟ ପ୍ରଧାନୀ ଅଭିଯୋଗ କରୁଛନ୍ତି।

# ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳକୁଦ ସମାରୋହ

**ତୁଷୁରା, ୧୯ ।୧୨(ସମିସ)**

ଗୁଡଭେଲା ବ୍ଲକ ଅଧୀନ ତୁଷୁରା ସରକାରୀ ବାଳକ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଖେଳକୁଦ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଖେଳକୁଦ ସମାରୋହକୁ ଗୁଡ଼ଭେଲା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିପିନ ବାଗ୍ ଉଦ୍‌ଘାଟନ କରିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ରାଧାରମଣ କେଡ଼ିଆ ଯୋଗଦେଇ ଶିଶୁମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଉପ ସଭାପତି ଜନନୀ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗଗନ କେଡିଆ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ। ତୁଷୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଶୀଲ କୁମାର ଦାସ ଓ ଦେବାଶିଷ ମହାପାତ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଭା ସଞ୍ଚାଳନ କରିଥିଲେ ଓ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ନାଗ, ବିନ୍ଦୁ ମହାଣା, ଆକାଂକ୍ଷାରାଣୀ ଯୋଶୀ, ଆଚାର୍ଯ୍ୟା ହେମବନ୍ତୀ ଭାଟି, ଆଚାର୍ଯ୍ୟ ବବଲୁ ସାହୁ ଓ ମାଧବ ବେହେରା ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗର ବାଳକ ଏବଂ ବାଳିକା ବର୍ଗର ମୋଟ ୩୦ଟି କ୍ରୀଡ଼ା ପରିଚାଳନା କରିଥିଲେ। ବରିଷ୍ଠ ବିଭାଗର ବାଳକ ବର୍ଗରେ ତପନ ସାହୁ ଓ ବାଳିକା ବର୍ଗରେ ଆଶ୍ରିତା ଦଣ୍ଡସେନା, କନିଷ୍ଠ ବିଭାଗରେ ବାଳକ ବର୍ଗରେ ଲିକୁନ୍ ମହାଲିଙ୍ଗ ଓ ବାଳିକା ବର୍ଗରେ ଫାଲଗୁନି ନାଗ ଏବଂ ସର୍ବକନିଷ୍ଠ ବିଭାଗର ବାଳକ ବର୍ଗରେ ଗୌତମ କୁମ୍ଭାର ଓ ବାଳିକା ବର୍ଗରେ ଆଦିତି ବାରିକ ଚାମ୍ପିଅନ ହୋଇଥିଲେ।



● ସରକାରଙ୍କ ଗୁଣଗାଇ ଚାଲିଗଲେ ମୁକେଶ

## ବୁଝିଲେନି ବ୍ୟଥା, ନିରାଶ ଅନ୍ନଦାତା

**କୋକସରା, ୧୯ ।୧୨(ସମିସ):** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୁରୁବାର କୋକସରା ବ୍ଲକର ମୋଟେର, କୋକସରା ଓ ଟେମରା ଏପରି ତିନୋଟି ଧାନମଣ୍ଡି ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ଡ. ମହାଲିଙ୍ଗ ମଣ୍ଡିକୁ ଆସିଲେ ସତ; ହେଲେ ଚାଷୀଙ୍କ ଦୁର୍ଦ୍ଦଶା ତାଙ୍କ ଆଖିରେ ପଡ଼ିଲାନି। ଚାଷୀ କଟନି ଛଟନିରେ ଅତିଷ୍ଠ ହୋଇ ଉଠୁଥିବାବେଳେ ମନ୍ତ୍ରୀ ସେମାନଙ୍କ ସହ ଆଲୋଚନା ନ କରି ରାଜ୍ୟ ସରକାରଙ୍କ ଗୁଣଗାନ କରି ଚାଲିଯାଇଥିବାରୁ ଚାଷୀ ମନରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିଲା। ଏଣେ ମନ୍ତ୍ରୀ ମଣ୍ଡିକୁ ଆସିଲେ କଟନି କଛନି ବନ୍ଦ ହେବ ବୋଲି ଆଶା ବାନ୍ଧି ବସିଥିବା ଚାଷୀ କିନ୍ତୁ ନିରାଶ ହୋଇଛନ୍ତି। ରାଜ୍ୟରେ ବିଜେପି ସରକାର ଗଢିଲେ ମଣ୍ଡି ଓ ଚାଷୀଙ୍କ ସମସ୍ୟା ଦୂର ହେବ। କୃଷକ ଆଉ ପୂର୍ବପରି ହଇରାଣ ହରକତ ହେବେ ନାହିଁ। ଦଲାଲ୍‌ମୁକ୍ତ ହେବ ମଣ୍ଡି। କଟନି କଛନି ହେବନାହିଁ। ଯଦି କୌଣସି ମିଲର୍ସ କିମ୍ବା କର୍ମଚାରୀ କଟନି ଛଟନିରେ ସଂପୃକ୍ତ ଥିବା ଜଣାପଡେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦଳର ନିର୍ବାଚିତ ଜନପ୍ରତିନିଧିମାନେ ସିଧା ମଣ୍ଡିରେ ପହଞ୍ଚିବେ। ଦଳୀୟ କର୍ମୀମାନେ ମଣ୍ଡି ଜଗିବେ ବୋଲି ବିଜେପି ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା। ତେବେ କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକ ଅଞ୍ଚଳରେ ଥିବା ୧୮ଟି ଧାନମଣ୍ଡିରେ କଟନି ଛଟନି ଚାଲିଛି। ଏ ନେଇ ଚାଷୀମାନେ ବାରମ୍ବାର ପ୍ରତିବାଦ କରି ଆସୁଥିଲେ ମଧ୍ୟ ସେମାନଙ୍କ ଦୁଃଖ ବୁଝିବାକୁ କେହି ନାହିଁ। ଏବେ ବି ମଣ୍ଡିରେ ଏଫ୍‌ଏକ୍ୟୁ ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୫ କେଜି କଟନି ଚାଲିଛି। ଏ ନେଇ ମନ୍ତ୍ରୀଙ୍କ ମତାମତ ନେବାରୁ ସେ ଏହି ପ୍ରଶ୍ନକୁ ଚତୁରତାର ସହ ଆଡେଇ ଯାଇଥିଲେ। ମନ୍ତ୍ରୀଙ୍କ କୋକସରା ଗସ୍ତ ସମୟରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ, ଜିଲ୍ଲାପାଳ ପାୱାର ସଚୀନ ପ୍ରକାଶ, ଉପଜିଲ୍ଲାପାଳ ଧୀମାନ ଚକମା, କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଞ୍ଚଳ ମାଝୀ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେରଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



## ଚାଷୀଙ୍କ ଭଲମନ୍ଦ ପଚାରିବାକୁ ଭୁଲିଗଲେ ମନ୍ତ୍ରୀ

**କଲମପୁର, ୧୯ ।୧୨(ସମିସ)**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମନ୍ତ୍ରୀ ଆସିବେ। ସମସ୍ୟା ବୁଝି ସମାଧାନ କରିବେ। ଚାଷୀ ଏହା ଭାବିଥିଲେ; କିନ୍ତୁ ମନ୍ତ୍ରୀ ଆସି ଫେରିଯିବା ପରେ ସବୁ କଳ୍ପନା ଜଳ୍ପନା ଫସର ଫାଟିଗଲା। ପଦୁଟିଏ ମଧ୍ୟ ଚାଷୀଙ୍କ ଭଲମନ୍ଦ ପଚାରି ବୁଝିଲେ ନାହିଁ। ଏଭଳି ଘଟଣା କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ। ଧାନ ମଣ୍ଡିରେ ଦେଖାଦେଇଥିବା ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ମନ୍ତ୍ରୀ ଓ ବିଧାୟକମାନଙ୍କୁ ଦାୟିତ୍ୱ ଦେଇଛନ୍ତି। ସେମାନେ ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ବୁଝି ସମାଧାନ କରିବା ସେମାନଙ୍କ ପ୍ରାଥମିକତା ରହିଛି; ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମନ୍ତ୍ରୀ କଲମପୁର ଧାନ ମଣ୍ଡିକୁ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଗ୍ରହଣ କଲେ। ଔପଚାରିକ ସଭାରେ ଯୋଗଦେଇ ମନ୍ତ୍ରୀ ଅଭିଭାଷଣରେ କହିଥିଲେ ଯେ, ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ଚାଷୀ ଏବେ ୩୧ ଶହ ଟଙ୍କା ପାଇବେ। ଚାଷୀଙ୍କ ଦୁଃଖ ଦୂର ହେବ। ତାପରେ ମନ୍ତ୍ରୀ ବଡକୁଟୁ ମଣ୍ଡି ପରିଦର୍ଶନ କରିଥିଲେ। ଏହି ମଣ୍ଡିରେ ସମଦଶା ହୋଇଥିଲା। ଉଭୟ ମଣ୍ଡି ପରିଦର୍ଶନରୁ ଫେରିଯିବା ପରେ ଚାଷୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଚାଷୀ କହିଥିଲେ ଅନ୍ତତଃ ପକ୍ଷେ ମନ୍ତ୍ରୀ ଚାଷୀଙ୍କ ଭଲମନ୍ଦ ପଚାରି ବୁଝିଥାନ୍ତେ। ତାହା କଲେ ନାହିଁ। ଏଫ୍‌ଏକ୍ୟୁ ଆଳରେ ମଣ୍ଡି ପରିଚାଳନା ବିଳମ୍ବ ଘଟିଥିଲା। ପରିଶେଷରେ ଖୁଲମଖୁଲା ୫କେଜି କଟନିରେ ଧାନ ଉଠୁଛି। ପୂର୍ବରୁ ମଧ୍ୟ ଏଭଳି ଚାଲିଆସିଥିବା ବେଳେ ଏବେ ଏହାର କୌଣସି ବ୍ୟତିକ୍ରମ ଦେଖିବାକୁ ମିଳୁନାହିଁ। ତେବେ ଏତେ ବିଳମ୍ବ କେଉଁ ସ୍ୱାର୍ଥରେ ହୋଇଥିଲା ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ମଣ୍ଡି ଗୁଡିକ ମିଲର୍ସଙ୍କ ମର୍ଜିରେ ପରିଚାଳିତ ହେଉଥିବା ବେଳେ ମୁଣ୍ଡ ଉପରେ କୋହଲା ପାଗ ସହିତ ଆସନ୍ନ ବର୍ଷାକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛି। ଏସବୁ ସହିତ ବିଭିନ୍ନ ଘଟଣାକୁ ଅଣଦେଖା କରି ମନ୍ତ୍ରୀ ଚାଲିଯିବା ପ୍ରସଙ୍ଗକୁ ଜନସାଧାରଣ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଉପସ୍ଥିତ କିଛି ଚାଷୀ କହିଛନ୍ତି ଯେଉଁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶଗୁଡିକ କ୍ରୟକରି ମଣ୍ଡିରେ ପକାଇ ରଖାଯାଇଛି ତାହା ଚାଷୀଙ୍କ ହିତରେ ଆସୁନାହିଁ। ତେବେ ଏହି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରିବାର ଅସଲ କାରଣ କଣ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ତେବେ ମନ୍ତ୍ରୀଙ୍କ ସହ ଧର୍ମଗଡ଼ ବିଧାୟକ ସୁଧିର ପଟ୍ଟଯୋଷୀ, ପ୍ରଶାସନିକ ଅଧିକାରୀ ଏବଂ ବିଜେପିର ବହୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।



## ପାଣିପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ପ୍ରତିଯୋଗିତା

**ନୂଆପଡ଼ା, ୧୯ ।୧୨(ସମିସ):** ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ପାଣିପଞ୍ଚାୟତ ପକ୍ଷପାଳନ ଉପଲକ୍ଷେ ପ୍ରଭାଗସ୍ତରୀୟ ଓଡିଆ ବକ୍ତୃତା, ପ୍ରବନ୍ଧ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ାଠାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଅବସରରେ ସହକାରୀ ନିର୍ବାହୀଯନ୍ତ୍ରୀ ସୁନ୍ଦର ଜଳସେଚନ ପ୍ରକଳ୍ପ ତରୁଣ କୁମାର ନାଏକ, କନିଷ୍ଠ ଯନ୍ତ୍ରୀ ରାକେଶ ସାମନ୍ତରାଏ, ପ୍ରତାପ ବାଞ୍ଜି, କନିଷ୍ଠ ଯନ୍ତ୍ରୀ ସରୋଜ ବରାଳ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ନୂଆପଡ଼ା ଉତ୍କଳମଣି ଅଗସ୍ତି ଏବଂ ଚନ୍ଦ୍ରକଳା ଜଗତ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତା ଗୁଡିକର ସୁପରିଚାଳନାରେ ସଦର ସିଆରସିସି ଜିତେନ୍ଦ୍ର କୁମାର ଖମାରୀ, ଶରତ କୁମାର ପଣ୍ଡା, ଅମିୟ ପାଢ଼ୀ, ହିରାଲାଲ ପଟେଲ ଏବଂ ବିଚାରକ ଭାବରେ ଶିକ୍ଷକ ଶ୍ୟାମାଚରଣ ଦଣ୍ଡସେନା, କିଶୋର କୁମାର ପରିଡ଼ା, ପ୍ରଫୁଲ୍ଲ କୁମାର ବାରିକ, ସମୀର କୁମାର ବେହେରା, ପ୍ରଦୀପ୍ତ କୁମାର ରଥ ଯୋଗଦେଇ ସହଯୋଗ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନ୍ଦର ଜଳସେଚନ ପ୍ରକଳ୍ପ ତରୁଣ କୁମାର ନାଏକ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରିଥିଲେ। ଆସନ୍ତା ୨୨ତାରିଖରେ ଜଳସେଚନ ପ୍ରଭାଗ ଡାକବଙ୍ଗଳା ନୂଆପଡ଼ା ହେବାକୁ ଥିବା କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ ପାଇଁ ସୂଚନା ଦେଇଥିଲେ। ସୂଚନାଯୋଗ୍ୟଯେ କୃତିତ୍ୱହାସଲ କରିଥିବା ପ୍ରତିଯୋଗୀ ୨୪ତାରିଖ ଦିନ ହେବାକୁଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ପ୍ରବନ୍ଧ ପ୍ରତିଯୋଗିତା ପ୍ରଥମ ଯୁବଲୀମୟୀ ରାଉତ ନ୍ୟାସନାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଦ୍ୱିତୀୟ ତପସ୍ୱିନୀ ପାଣ୍ଡେ ନ୍ୟାସନାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ତୃତୀୟ ପ୍ରିୟଙ୍କା ରଥ ସରକାରୀ ଉଚ୍ଚ ବିଦ୍ୟାଳୟ ମାଗୁରପାଣି। ବକ୍ତୃତା ପ୍ରତିଯୋଗିତାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଦୀପାଞ୍ଜଳୀ ବରିହା ପ୍ରଥମ, ଦ୍ୱିତୀୟ ନ୍ୟାସନାଲ ହାଇସ୍କୁଲର ପ୍ରତ୍ୟାଶା ମହାପାତ୍ର, ତୃତୀୟ ଦିବ୍ୟ ନିଆଲ ରହିଛନ୍ତି। କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ଦୁଃଖବନ୍ତ ମାଝୀ, ସମୀର ରଣା ଦ୍ୱିତୀୟ, ତୃତୀୟରେ ରହିଛନ୍ତି ଶ୍ରୀୟାସୁଦୀପ୍ତା ରଣା। ଚିତ୍ରାଙ୍କନ ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ନ୍ୟାସନାଲ ହାଇସ୍କୁଲର ଛାତ୍ର ମନିସ ଛତ୍ରିଆ, ଲିଲେଶ୍ରୀ ରଣା, ପ୍ରୀତି ସୁନ୍ଦର ସାହୁ।



## ଭୀମଭୋଇ ସାମର୍ଥ୍ୟ, ସାମାଜିକ ସମୀକ୍ଷା ଶିବିର

**କଲମପୁର, ୧୯ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷିତିସୂତା ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ କଲମପୁର ବିଡ଼ିଓ ବିଜୟ ମାଣ୍ଡାଙ୍ଗି, ବ୍ଲକ ଅଧ୍ୟକ୍ଷା ମୋତି ବିହାରୀ, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ସିଡ଼ିପିଓ ନିର୍ବାସିନୀ ଦେଇ, ଜିଲ୍ଲା ଭିନ୍ନକ୍ଷମ ବିଭାଗ ସଂପାଦକ ଡୋଲାମଣି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ କଲମପୁର ବ୍ଲକର ୧୧ଟି ପଞ୍ଚାୟତରୁ ଆସିଥିବା ୩୫୩ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୨୧୮ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୬୭ଜଣଙ୍କୁ ବସ୍ ପାସ୍ ମିଳିଥିବାବେଳେ ଆଉ ୫୩ଜଣଙ୍କୁ ଟ୍ରେନ୍ ପାସ ଦିଆଯାଇଥିଲା। ଭତ୍ତା ପାଇଁ ୩ଜଣ, ଘର ପାଇବା ପାଇଁ ୪୯ଜଣ ଆବେଦନ କରିଥିଲେ। ୨ଜଣଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିବା ବେଳେ ୩ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଡାକ୍ତର ଅବିନାଶ ନେଗି, ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ବିକାଶ ରଞ୍ଜନ ନାୟକ, ଆରାଧନା ବେହେରାଙ୍କ ପ୍ରମୁଖ ଚିକିତ୍ସକ ଉପସ୍ଥିତ ଥିଲେ। ସେହିପରି କଲମପୁର ପଞ୍ଚାୟତ ପରିସରରେ ସାମାଜିକ ସମୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କଲମପୁର ସରପଞ୍ଚ ସୂର୍ଯ୍ୟକାନ୍ତୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ନାୟକ ପରିଚାଳନା କରିଥିଲେ। ଯୋଗାଣ ସହାୟକ ବନମାଳୀ ସାହୁ, ମାଝି ବାବୁ, ରାମ ତେଜି, ଦୁଷ୍ମନ୍ତ ବାଗ ପ୍ରମୁଖ ସହଯୋଗ କରିଥିଲେ।



## ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଗତି ତାଲିମ ଉଦ୍‌ଯାପିତ

**ନୂଆପଡ଼ା, ୧୯ ।୧୨(ସମିସ):** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡ଼ା ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ନରୋତ୍ତମ ଭୋଇଙ୍କ ମାର୍ଗଦର୍ଶନରେ ଡିସେମ୍ବର ୧୭ ରୁ ୧୯ ତିନି ଦିନ ଧରି ଜିଲ୍ଲାର ୫ଟି ବ୍ଲକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ପ୍ରଧାନ ଶିକ୍ଷକ ମାନଙ୍କ ବୃତ୍ତିଗତ ବିକାଶ ନିମନ୍ତେ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରଶିକ୍ଷଣ (ପ୍ରଗତି) ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ବ୍ଲକରେ ୫୮ ଜଣ ପ୍ରଧାନଶିକ୍ଷକ ଓ ଦୁଇ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଖଡ଼ିଆଳ ବ୍ଲକରେ ୪୬ ପ୍ରଧାନଶିକ୍ଷକ ଓ ତିନି ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, କୋମନା ବ୍ଲକରେ ୫୮ ପ୍ରଧାନଶିକ୍ଷକ ଓ ତିନି ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବୋଡ଼େନ ବ୍ଲକରେ ୫୪ ପ୍ରଧାନ ଶିକ୍ଷକ ଓ ଦୁଇ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିନାପାଲି ବ୍ଲକରେ ୫୪ ପ୍ରଧାନଶିକ୍ଷକ ଓ ଦୁଇ ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋଟ ୨୮୨ ଜଣ ତାଲିମ ଗ୍ରହଣ କରିଛନ୍ତି। ଉକ୍ତ ତାଲିମରେ ଜାତୀୟ ଶିକ୍ଷାନୀତି ୨୦୨୦, ସାମଗ୍ରିକ ବିଦ୍ୟାଳୟ ବିକାଶମାନ ନିର୍ଦ୍ଧାରଣ, ନେତୃତ୍ୱର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଗତି ଶିବିର ସିନାପାଲି ପାଇଁ ପ୍ରଧାପକ ଶଙ୍କର ସାହୁ, ବୋଡ଼େନ ପାଇଁ ଟିକେଶ୍ୱର୍ ପର୍ଣ୍ଣା, ଖଡ଼ିଆଳ ପାଇଁ ବବିତା ଶବର, କୋମନା ପାଇଁ ଅନିତା ଶବର, ନୂଆପଡ଼ା ପାଇଁ ରୀନା ବାଗଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବିର ସମ୍ପାଦନ ହୋଇଥିଲା।



## ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ମହାସଭାର ପ୍ରସ୍ତୁତି

**କେସିଙ୍ଗା, ୧୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ତୈଳିକବୈଶ୍ୟ ହଳଦିଆ ସାହୁ ସମାଜର ବାଲସି ମଣ୍ଡଳ ପକ୍ଷରୁ ଜାନୁୟାରୀ ୫ରେ ସାମାଜିକ ଉତ୍ସବ ଓ ଅଷ୍ଟମ ମହାସଭା ଆୟାଜିତ ହେବ। ଏଥିପାଇଁ ମଣ୍ଡଳ ସଭାପତି ମନୋହର ସାହୁଙ୍କ ଆହ୍ୱାନ କ୍ରମେ ଗିରିଗୋବର୍ଦ୍ଧନ ପୀଠ ନିକଟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ନୀଳମଣି ସାହୁ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ନବୀନ କିଶୋର ସାହୁ, ଜିଲ୍ଲା ଉପ ସଭାପତି ଯୁବରାଜ ସାହୁ, ଜିଲ୍ଲା ସହ ସମ୍ପାଦକ ସୁଲପାଣି ସାହୁ, କାର୍ଜି ବିରଞ୍ଚି ସାହୁ, ବ୍ଲକ ସଭାପତି ଚକ୍ରଧର ସାହୁ, ମଣ୍ଡଳ ସମ୍ପାଦକ ଅଶ୍ୱିନୀ ସାହୁ, ମଣ୍ଡଳ ସଦସ୍ୟ ତୁମେଶ୍ୱର ସାହୁ, ବାଲସି ଗ୍ରାମ୍ୟ କମିଟି ସଭାପତି ନକୁଳ ସାହୁ, ସମ୍ପାଦକ ଫକୀର ସାହୁ, ଜିଲ୍ଲା ସଦସ୍ୟ କୈବାଲ୍ୟ ସାହୁ, ହେମନ୍ତ ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସିନାପାଲି ଥାନା ପକ୍ଷରୁ ସମ୍ପର୍କ ସେତୁ କାର୍ଯ୍ୟକ୍ରମ




**ସିନାପାଲି, ୧୯ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ନଙ୍ଗଲବୋଡ ପଞ୍ଚାୟତ ଗୋଲାବେଡା ଗ୍ରାମରେ ସିନାପାଲି ଥାନା ପକ୍ଷରୁ ସମ୍ପର୍କ ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକାରୀ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ଥାନାଅଧିକାରୀ ରଶ୍ମିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଏସଆଇ ପ୍ରଭାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିକ୍ଷା ସହ ଔଷଧ ବଣ୍ଟନ, ବିଭିନ୍ନ ଉପକରଣ ବଣ୍ଟନ ସହ ଭଲିବଲ ପ୍ରତିଯୋଗିତା ହୋଇଥିଲା। ଜନସାଧାରଣ ଓ ପୁଲିସର ସୁସମ୍ପର୍କ ସ୍ଥାପନ ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ଦୁର୍ଘଟଣା, ସଡକ ସୁରକ୍ଷା ସମେତ ଅନେକ ଦିଗ ଉପରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ଶୀତ ବସ୍ତ୍ର, ସାଢୀ, ଲୁଙ୍ଗି, ଧୋତି, ସୋଲାର ଲାଇଟ୍, ଲଣ୍ଠନ, ମୃଦୁଙ୍ଗ, ଝୁମୁକା ସହ ଅନେକ ବାଦ୍ୟ ଯନ୍ତ୍ର ବଣ୍ଟନ କରାଯାଇଥିଲା। ଗ୍ରାମର ଅନେକ ଲୋକଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରାଯାଇ ସେମାନଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ସେହିପରି ଗୋଲାବେଡା ଓ ନଙ୍ଗଲବୋଡ ଗ୍ରାମ ମଧ୍ୟରେ ଭଲିବଲ ପ୍ରତିଯୋଗିତା ହୋଇଥିବା ବେଳେ ଗୋଲାବେଡା ବିଜୟୀ ଲାଭ କରିଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜଗଦୀଶ ମାଝି, ସମିତିସଭ୍ୟ ଡିଙ୍ଗର ମାଝି, ସମାଜସେବୀ ଦାଦୁ ଖାନ, ଏଏସଆଇ ରେବତୀ ଦୁର୍ଗା, କେଶବ ମାଝି, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡଃ ଶ୍ରୀ ଯାହାନ, ଡମ୍ବରୁଧର ମେହେର, କନକ ମେହେର ସମେତ ଗ୍ରାମର ଭଦ୍ରବ୍ୟକ୍ତି, ପୁଲିସ କର୍ମଚାରୀ ଓ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

ତରବୋଡ ଆଞ୍ଚଳିକ ଧନୁଯାତ୍ରାର ତୃତୀୟ ସନ୍ଧ୍ୟା

## କଂସର ସ୍ୱର୍ଗପୁର ଆକ୍ରମଣ

**କୋମନା, ୧୯ ।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡସ୍ଥିତ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରାର ଗୁରବାର ଥିଲା ତୃତୀୟ ସନ୍ଧ୍ୟା। ତୃତୀୟ ସନ୍ଧ୍ୟାରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବେଶ ବିମୋହିତ କରିଛି। ରାତ୍ରିରେ କଂସ ମହାରାଜ ଦେବକୀଙ୍କ ଷଡପୁତ୍ରକୁ ବିନାଶ କରି ସ୍ୱର୍ଗପୁର ଆକ୍ରମଣ କରିଥିବା ଖୋଲା ମଞ୍ଚର ଅଭିନୟ ହଜାର ହଜାର ଦର୍ଶକଙ୍କ ମନମୁଗ୍ଧ କରିଛି। ଏହା ସହ ବିଭିନ୍ନ ନୃତ୍ୟାଙ୍ଗନାଙ୍କ ସମ୍ବଲପୁରୀ ନୃତ୍ୟରେ ଉପସ୍ଥିତ ଦର୍ଶକ ବିଭୋର ହୋଇଛନ୍ତି। କଂସ ମହାରାଜାଙ୍କ ଦରବାରରେ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ଅବନୀ ଗଂଜନ ଜୋଶୀ, ପଞ୍ଚାୟତ ସମିତି ମେମ୍ବର ଗଣ୍ଡାମେର କେଶବ ନିଆଲ, ବିଜେଡି ଜିଲ୍ଲା ସାଧାରଣ ସଂପାଦକ ଅଜୟ ଗହୀର, ପ୍ରଦୀପଦଲପତି, ଉପାସୁ ସୁନାନୀ, ସୁରେଶ ଦଣ୍ଡସେନା, କୌମଣ୍ଡଲ ମାଝୀ, ବିଶ୍ୱମ୍ବର ମାଝୀ, ଶୋଭାରାମ ମାଝୀ, ଅରୁନ କୁମାର ନାଏକ ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟ ଆକର୍ଷଣ ସମ୍ବଲପୁରୀ ଷ୍ଟାର ଚୁମକୀ ପାଢ଼ୀ ଓ ପ୍ରତାପ ସାହୁ କ୍ରୀଷ୍ଟା ଆର୍କେଷ୍ଟାର କଳାକାରଙ୍କ କଳା ପ୍ରଦର୍ଶନ।



● ଶ୍ରୀ ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର

## ଏକବିଂଶତମ ବାର୍ଷିକୋତ୍ସବ



**ଜୁନାଗଡ଼, ୧୯ ।୧୨(ସମିସ):** ଶ୍ରୀ ଅରବିନ୍ଦଙ୍କର ଦେହାଂଶ ପ୍ରତିଷ୍ଠା ବାର୍ଷିକୋତ୍ସବ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ମୁଖ୍ୟ ବକ୍ତା ଭାବେ ପ୍ରଫେସର୍ ରାଧାକାନ୍ତ ମିଶ୍ର ଓ ସମ୍ମାନିତ ବକ୍ତା ଭାବେ ବ୍ରଜମୋହନ ବେହେରା ଯୋଗ ଦେଇଥିଲେ। ଗୋପିଚାନ୍ଦ ବାଗ ମଞ୍ଚ ପରିଚାଳନା କରିଥିଲେ। ପ୍ରଦୀପ ଦାସ, ବିଜୟ ମଲ୍ଲିକ, ରଂଜିତ ମେହେର ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ପଦ୍ମାବତୀ ସାହୁ, ପ୍ରିୟଙ୍କା ନନ୍ଦ, ଖୁସି ଧଙ୍ଗଡ଼ା ମାଝୀ, କୁନୀ ପ୍ରଧାନୀ, ହେମାଙ୍ଗୀନୀ ନାଏକ, ଗଣେଶ ପ୍ରସାଦ, ଜୟନ୍ତ ସାହୁ, ଅଜୟ ଦାସ ପ୍ରମୁଖ ସହଯୋଗ କରିଥିଲେ।


ORMAS

(Odisha Rural Development and Marketing Society) Panchayati Raj Department, Govt of Odisha

### ଦକ୍ଷତା ବିକାଶ



**ମୁଁ ପ୍ରଭାକର ବିର** । ମୋ ଘର ଗଜପତି ଜିଲ୍ଲା ଅନ୍ତର୍ଗତ କାଶୀନଗର ବ୍ଲକ୍ ର ସିଦ୍ଧାମଡଙ୍ଗ ଗାଁ ରେ । ମୁଁ +୨ ଉତ୍ତୀର୍ଣ୍ଣ ହେଲା ପରେ ମୁଁ ଏବଂ ଆମ ପରିବାର ନିଜ ଗାଁ ରେ ଛୋଟ ମୋଟ କାମ କରି ବଞ୍ଚି ଯାଉଥିଲୁ । ୨୦୧୮ ମସିହାର ଅକ୍ଟୋବର ମାସ ୧୮ ତାରିଖ ପ୍ରକୃତିର ସେଇ ତାଣ୍ଡବ ଲୀଳା "ତିତିଲି ମହାବାତ୍ୟା" ଆମର ସେଇ ଛୋଟ ମୋଟ ରୋଜଗାରକୁ ଠପ କରିଦେଇଥିଲା। ମୁଁ ଓରମାସ ଦ୍ୱାରା **ଡିଡିୟୁ-ଜିକେୱାଇ ସିକ୍ୟୁରିଟି ଗାର୍ଡ** ରେ ତାଲିମ ନେବା ପାଇଁ ଗଲି । ମୁଁ ତାଲିମ ଶେଷ କରିବାପରେ ମୁଁ ହାଇଦରାବାଦର ବିମାନ ବନ୍ଦରରେ ସିକ୍ୟୁରିଟି ଗାର୍ଡ ଚାକିରି ରେ ନିଯୁକ୍ତି ହେଲି । ସେଠାରେ ମୁଁ ପ୍ରଥମେ ମାସକୁ ପ୍ରାୟ ୧୨,୦୦୦/- ଟଙ୍କା ପାଇଲି। ମୋର କିଛି ଅଭିଜ୍ଞତା ହେଲା ପରେ ମୁଁ ସେ ଚାକିରି ଛାଡିଦେଇ ବର୍ତ୍ତମାନ ଇଣ୍ଡିଗୋ ଏୟାର ଲାଇନ୍ସ ରେ ମାସିକ ୩୦,୦୦୦/- ଟଙ୍କା ପାଉଛି। ସରକାରଙ୍କର ଏହି ଯୋଜନା ପାଇଁ ଆଜି ମୁଁ ଏହି ସଫଳତା ପାଇପାରିଛି । ତେଣୁ ମୁଁ ଜିଲ୍ଲା ପ୍ରଶାସନକୁ ମୁଁ ଅନେକ ଅନେକ ଧନ୍ୟବାଦ ଜଣାଉଛି ।

### ଜୀବିକା

ଓରମାସ୍ ସହାୟତାରେ ଗଜପତି ଜିଲ୍ଲାର ରା. ଉଦୟଗିରି ବ୍ଲକର ରାମଗିରି ଠାରେ ଏକ ହଳଦୀ ଉତ୍ପାଦକ କେନ୍ଦ୍ର ସ୍ଥାପନ କରାଯାଇଅଛି । ଯେଉଁ ଉତ୍ପାଦକ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୧୫ ଜଣ ମହିଳା ଓ ହଳଦୀ ଚାଷୀ ଉପକୃତ ହେବେ । ତତ୍ ସଙ୍ଗେ ସଙ୍ଗେ ରା. ଉଦୟଗିରି ବ୍ଲକ ଓ ଗୁମ୍ମା ବ୍ଲକରେ ଗ୍ରାମୀଣ ଉଦ୍ୟୋଗ ପାର୍କ ଗଠନ କରିବାକୁ ଯୋଜନା କରାଯାଇଅଛି । ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳାମାନେ ଉପକୃତ ହେବା ସହ SHG କୁ SME ରେ ପରିଣତ କରିବା ପାଇଁ ମୁଖ୍ୟ ଲକ୍ଷ୍ୟ । ମୁଖ୍ୟ ମନ୍ତ୍ରୀ ମକା ମିଶନ ଯୋଜନାରେ ମୋହନା ଓ ରା. ଉଦୟଗିରି ବ୍ଲକରେ ଦୁଇଟି ମକା FPO ଓ ଗୋଟିଏ ମକା ପ୍ରକ୍ରିୟା କରଣ କେନ୍ଦ୍ର କରିବା ପାଇଁ ଯୋଜନା କରାଯାଇଅଛି ।


ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ୍

## ଜୁନାଗଡ଼କୁ ହରାଇ ସେମିଫାଇନାଲରେ କେସିଙ୍ଗା

**ଜୁନାଗଡ଼, ୧୯ ।୧୨(ସମିସ)**

ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ କ୍ରିକେଟ ରେ ଜୁନାଗଡ଼ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୨୮ଓଭର ୪ବଲରେ ୧୦୯ରନ ସଂଗ୍ରହ କରିଥିଲା। ଜବାବରେ କେସିଙ୍ଗା ୧୩ଓଭରରେ ୩ ଉଇକେଟ ହରାଇ ୭ ଉଇକେଟରେ ବିଜୟୀ ହୋଇଥିଲା। କେସିଙ୍ଗାର ପ୍ରତ୍ୟୁଷ ପ୍ରଧାନ ମ୍ୟାନ୍ ଅଫ ଦି ମ୍ୟାଚ ପାଇଥିଲେ। ନ୍ୟୁ ରେଡ୍ ଷ୍ଟାର ସ୍ପୋର୍ଟ୍ସ କ୍ଲବ୍ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ମନୋଜ ମେହେର, ଅଶୋକ ପାତ୍ର, ଇଶ୍ୱର ପୂଝରୀ, ବିଜୟ ବେହେରା ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସୁଧାଂଶୁ ବରାଡ଼, ସରପଞ୍ଚ ଦିବ୍ୟ ଦୀପ, ସଜନ ଗୋଏଲ, ପ୍ରଣବ ଗୋଏଲ ଯୋଗ ଦେଇଥିଲେ। ବିପ୍ଳବ ସିଂ ଓ ତେଜନ ଦୁର୍ଗା ଖେଳ ପରିଚାଳନା କରିଥିଲେ। ନୀତିଶ ମହାପାତ୍ର, ପ୍ରଣବ ଗୋଏଲ, କହ୍ନେଇ ରାହୁଲ, ନନ୍ଦୀ ନାଏକ, ରାହୁଲ ବେହେରା ବିଭିନ୍ନ ଦାୟିତ୍ୱ ନେଇଥିଲେ।



■ ଧାନ କିଣାରେ ମନମାନି

## ମଣ୍ଡିରୁ ଧାନ ନ ଉଠାଇବାରୁ ୪ ମିଲରକୁ ନୋଟିସ

**ବଲାଙ୍ଗିର, ୧୯ ।୧୨(ସମିସ):** ବଲାଙ୍ଗିର ଜିଲ୍ଲାରେ ପଦାରେ ପଡ଼ିଲା ମିଲରଙ୍କ ମନମାନି। ମଣ୍ଡିରୁ ଧାନ ଉଠାଇଲେନି ବୋଲି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଯୋଗାଣ ବିଭାଗର ନୋଟିସ। ଜିଲ୍ଲାର ଚାରୋଟି ମିଲକୁ ନୋଟିସ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଜିଲ୍ଲାରେ ଗତ ୨ ତାରିଖରୁ ଧାନ କିଣା ଶୁଭାରମ୍ଭ କରାଯାଇଥିଲା। କିନ୍ତୁ ଏହାର କିଛି ଦିନ ପରେ ଧାନ କିଣା ଆରମ୍ଭ ହୋଇଥିଲେ ମଧ୍ୟ ଆଜିର ଦିନରେ ବି ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ କିଣା ହୋଇନାହିଁ। ଏତିକି ଭିତରେ ଜିଲ୍ଲାରେ ଧାନ କିଣା ବ୍ୟବସ୍ଥାରେ ମିଲ ମାଲିକଙ୍କ ମନମାନି ସାମ୍ନାକୁ ଆସିଛି। ମଣ୍ଡିରୁ ଧାନ ଉଠାଇ ନଥିବାରୁ ଜିଲ୍ଲାର ୪ ମିଲକୁ ନୋଟିସ କରାଯାଇଥିବା ଜଣାପଡ଼ିଛି। ଏହି ମିଲ ଗୁଡ଼ିକ ହେଲା ଭଗବତୀ ରାଇସ ମିଲ, ଶ୍ରୀ ଶ୍ୟାମଜି ରାଇସ ମିଲ, ରାଧା ଗୋବିନ୍ଦ ରାଇସ ମିଲ, ପାହାଡ଼ି ମାତା ରାଇସ ମିଲ ବୋଲି ସୂଚନା ମିଳିଛି। ଏହି ମିଲ ମାଲିକ ପ୍ରଶାସନ ନିର୍ଦ୍ଦେଶର ଅବମାନନା କରିଥିବାରୁ ତାଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଯୋଗାଣ ବିଭାଗ ନୋଟିସ କରିଥିବା ଜଣାପଡ଼ିଛି।

## ବଙ୍ଗୋମୁଣ୍ଡାରେ ବିଡିଓଙ୍କ ଦାୟିତ୍ୱଗ୍ରହଣ



**ବଙ୍ଗୋମୁଣ୍ଡା, ୧୯ ।୧୨(ସମିସ):** ବଙ୍ଗୋମୁଣ୍ଡାରେ ନୂତନ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଜୟ କୁମାର ହୋତା। ବଙ୍ଗୋମୁଣ୍ଡାର ବିଡିଓ ଶଙ୍କର୍ଷଣ ବେହେରା ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ରହିଥିବା ହେତୁ ବ୍ଲକର କାମ ମନ୍ଥର ଗତିରେ ଚାଲିଥିଲା। ତେଣୁ ଶ୍ରୀହୋତାଙ୍କୁ ଦାୟିତ୍ୱ ଦେଇଛନ୍ତି। ହୋତାଙ୍କୁ ସରପଞ୍ଚ ସଂଘ ଏବଂ ଅଧ୍ୟକ୍ଷାଙ୍କ ତରଫରୁ ସ୍ୱାଗତ କରାଯାଇଥିଲା।

## କୁମଖାଲ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଆଗରେ ଧାରଣା

**ଲାଞ୍ଜିଗଡ଼, ୧୯ ।୧୨(ସମିସ):** ଲାଞ୍ଜିଗଡ଼ ବ୍ଲକ କୁମଖାଲ ପଞ୍ଚାୟତ ସ୍ୱାସ୍ଥ୍ୟ ଉପ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ପ୍ରତିମା ବାଗ ନିୟମିତ ରହୁ ନାହାନ୍ତି। ଏଣୁ ଅଞ୍ଚଳରେ ଲୋକେ ପ୍ରାଥମିକ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ବାଧ୍ୟହୋଇ ଲୋକେ ୧୨ କିମି ଦୂର ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏହାର ପ୍ରତିବାଦ କରି ଗୁରୁବାର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଆଗରେ କୁମଖାଲ ପଞ୍ଚାୟତବାସୀ ଆସି ଧାରଣା ଦେଇଥିଲେ। ସ୍ୱାସ୍ଥ୍ୟକର୍ମୀ ଜଣକ କେବଳ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ ଦେଖା ଦିଅନ୍ତି। ଅନ୍ୟ ସମୟରେ କେନ୍ଦ୍ରରେ ତାଲା ଝୁଲେ। ତେବେ ଏ ନେଇ ବିଶ୍ୱନାଥପୁର ମେଡ଼ିକାଲ ଅଫିସର ଭବାନୀ ଶଙ୍କର ଲେଙ୍କାଙ୍କୁ ପଚାରିବାରୁ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ହାତ ଭାଙ୍ଗି ଯିବା ଯୋଗୁଁ ଏକ ମାସ ଛୁଟିରେ ଥିଲେ। ତାଙ୍କ ସ୍ଥାନରେ ତ୍ରିଲୋଚନପୁର ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଦାୟିତ୍ୱ ଦିଆଯାଇ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିବା ସେ ପ୍ରକାଶ କରିଥିଲେ।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ତଦନ୍ତ ଦାବି

**ଭବାନୀପାଟଣା, ୧୯ ।୧୨ (ସମିସ):** ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇନ୍ଦ୍ରାବତୀ ହଷ୍ଟେଲରୁ ଯୁକ୍ତ ୨ ପ୍ରଥମ ବର୍ଷ ବାଣିଜ୍ୟ ବିଭାଗର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଉପଖଣ୍ଡ ପୁଲିସ ଅଧିକାରୀ ଅଜିଙ୍କ୍ୟ ମାଣେଙ୍କୁ ସାକ୍ଷାତ କରି ଦାବି ଜଣାଯାଇଛି। ଏହା ସହିତ ବିଶ୍ୱବିଦ୍ୟାଳୟ ଆଣ୍ଟି ରାଗିଂ ସେଲ୍‌ଫ କାଗଜ ପତ୍ରରେ ସୀମିତ ରହିଥିବା ଛାତ୍ର ବିଜେଡି ଅଭିଯୋଗ ଆଣିଛି। ଏହା ଦ୍ୱାରା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସଚେତନତା ହ୍ରାସ ପାଉଛି। ପ୍ରଥମ କରି କଲେଜ ଆସୁଥିବା ଛାତ୍ରଛାତ୍ରୀଙ୍କୁ ଠିକ୍ ଭାବରେ କାଉନସିଲିଂ ମଧ୍ୟ କରାଯାଉନାହିଁ। ଏପରିକି ଛାତ୍ରୀ ନିବାସ ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରତିଦିନ ଛାତ୍ରୀ ପ୍ରକୋଷ୍ଠକୁ ଯାଇ ପରିଦର୍ଶନ କରିବା ସହ ସେମାନଙ୍କ ସହ ସୁବିଧା ଅସୁବିଧା ଆଲୋଚନା ନ କରିବା ଦ୍ୱାରା ହଷ୍ଟେଲ ଛାତ୍ରଛାତ୍ରୀ ଚାପଗ୍ରସ୍ତ ରହୁଛନ୍ତି। ଛୋଟ ଛୋଟ ଘଟଣାରେ ସେମାନଙ୍କୁ ଗାଳି ଗୁଲଜ ସହିତ ଧମକ ଚମକ ଦେବା ବି ଆତ୍ମହତ୍ୟାର ଅନ୍ୟ ଏକ କାରଣ ହୋଇପାରେ। ଏଣୁ ଘଟଣାର ସବୁ ଦିଗକୁ ନେଇ ପୁଲିସ ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବଲାଙ୍ଗିର, ୧୯ ।୧୨(ସମିସ):** ଖେଳପଡ଼ିଆ ଚାରିପଟେ ଦୌଡ଼ିଲେ ସମସ୍ତ ପ୍ରକାର ମାନସିକ ଅବସାଦ ଦୂର ହେବା ସହିତ ମନଭିତରେ ସକରାତ୍ମକ ଚିନ୍ତାଧାରାର ବିକାଶ ହେବା ସହିତ କାର୍ଯ୍ୟ କରିବାର ପ୍ରେରଣା ମିଳିଥାଏ ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ବଲାଙ୍ଗିରର ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବଲାଙ୍ଗିର ପୁଲିସ୍ ଅଧିକ୍ଷ ପିଲାମାନଙ୍କୁ ଏଭଳି ଉଦ୍‌ବୋଧନ ଦେଇଛନ୍ତି। ବଲାଙ୍ଗିର ସଦର ବ୍ଲକ ଅଧୀନ ପଥରଚେପା ଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଏସ୍‌ପି ଋଷିକେଶ ଖିଲାରି, ସମ୍ମାନିତ ଅତିଥି ଭାବରେ ବଲାଙ୍ଗିର ଉପଜିଲ୍ଲାପାଳ ଏବଂ ସ୍ୱତନ୍ତ୍ର ଅତିଥି ଭାବରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, କୁଦ ଓ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

ବଲାଙ୍ଗିର ଜିଲ୍ଲାରେ ବେହାଲ ଧାନକିଣା

# ମଣ୍ଡିରେ ପଡ଼ିଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ

**ବଲାଙ୍ଗିର, ୧୯ ।୧୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ଧାନକିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି। ମିଲର୍ଙ୍କ ମନମାନି, କଟ୍ନି-ଛଟ୍ନି, ଅଖାବସ୍ତା କିଣାରେ ଜୁଲମ୍, ଏଫ୍‌ଏକ୍ୟୁ-ନନ୍‌ଏଫ୍‌ଏକ୍ୟୁ ଆଦି ସମସ୍ୟା ଭିତରେ ଠପ୍ ପଡ଼ିଯାଇଛି ଧାନକିଣା। ମଣ୍ଡିରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ି ରହିଥିବା ବେଳେ ଗୋଟିଏ ପରେ ଗୋଟିଏ ଅଦିନିଆ ବର୍ଷା ଓ କୋହଲା ପାଗ ଚାଷୀକୁ ଡରାଇବାରେ ଲାଗିଛି। ଏସବୁ ସେହି ମଣ୍ଡିରେ ଅବ୍ୟବସ୍ଥା ଚରମସୀମାରେ ପହଞ୍ଚିଛି।

ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର କିଛି କିମି ଦୂରରେ ରହିଛି ପୁଇଁନ୍ତଲା ପ୍ରାଥମିକ ସେବା ସମବାୟ ସମିତି। ଏହି ମଣ୍ଡିରେ ବହୁ ଚାଷୀ ନିଜ ଧାନ ଆଣି ପକାଇ ରଖିଥିବା ବେଳେ ବୁଧବାର ରାତିରେ ପ୍ରଶାସନିକ ଅଧିକାରୀମାନଙ୍କ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଧାନକୁ ବିନା କଟ୍ନି-ଛଟନିରେ କିଣାଯାଇଥିବା ସେ ଅଭିଯୋଗ କରିଛନ୍ତି। ଯଦି ବିନା ମାନ ପରୀକ୍ଷା କରି ଅନ୍ୟଚାଷୀଙ୍କ ଧାନ ବିନା କଟନିରେ ନିଆଯାଉଛି, ତେବେ ତାଙ୍କ ଧାନ କାହିଁକି ନିଆଯିବ ନାହିଁ ବୋଲି ସେ କହିଛନ୍ତି।

ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି, ଉକ୍ତ



### ମାନ ପରୀକ୍ଷା ନହୋଇ କିଣାଯାଇଥିବା ଅଭିଯୋଗ

### ପୁଇଁନ୍ତଲା ମଣ୍ଡିରୁ ଆସିଲା ଅବ୍ୟବସ୍ଥାର ଚିତ୍ର

ଅବ୍ୟବସ୍ଥା ଯୋଗୁଁ କେବଳ ଚାଷୀ ହିଁ କ୍ଷତିଗ୍ରସ୍ତ ହେଉଛି। ପୂରା ଜିଲ୍ଲା କଥା ଛାଡ଼, ଜିଲ୍ଲା ମୁଖ୍ୟାଳୟରୁ ମାତ୍ର କେଇ କିଲୋମିଟର ଦୂରରେ ଥିବା ମଣ୍ଡିକୁ ଦେଖିଲେ, ଜିଲ୍ଲାରେ ଧାନକିଣା ଅବ୍ୟବସ୍ଥା ଜଳଜଳ ଦିଶୁଛି।

ଜିଲ୍ଲାରେ ଧାନକିଣା ଆରମ୍ଭ ହେବା ଦିନଠାରୁ ଅବ୍ୟବସ୍ଥା ଓ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସୁଛି। ୧୫ଦିନରେ ବହୁ କଷ୍ଟରେ ୨ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ହୋଇଥିବା ବେଳେ ସମସ୍ତ ମଣ୍ଡି ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ। ଅପରପକ୍ଷେ, ଯେଉଁ ସବୁ ମଣ୍ଡି ଆରମ୍ଭ ହୋଇଛି, ଅନୁରୋଧକ୍ରମେ ମିଲର୍ ଜଣେ ଚାଷୀଙ୍କ ଗୋଟିଏ ଗାଡ଼ି ଧାନ ଉଠାଇଥିବା ଜଣାପଡ଼ିଛି। ଏନେଇ ଏହି ମଣ୍ଡିରେ ଧାନ ଆଣି ରଖିଥିବା ପୁଇଁନ୍ତଲାର ଚାଷୀ ପ୍ରଶାନ୍ତ ରାଉତ ଅଭିଯୋଗ ଆଣିଛନ୍ତି। ତାଙ୍କ କହିବା ଅନୁସାରେ, ଗତ ୬ ତାରିଖରେ ତାଙ୍କୁ ଟୋକନ୍ ଦିଆଯାଇଥିଲା। ସେ ଗତ ୮ ତାରିଖରୁ ୭୫କ୍ୱିଣ୍ଟାଲ ଧାନ ଆଣି ମଣ୍ଡିରେ ପକାଇଛନ୍ତି। ୧୦ ଦିନରୁ ଉର୍ଦ୍ଧ୍ୱ ହେଲା ସେ ଧାନ ଆଣିଥିବା ବେଳେ ତାଙ୍କ ଧାନ କିଣାଯାଇନାହିଁ। ତାଙ୍କ ଧାନକୁ ନନ୍-ଏଫଏକ୍ୟୁ କହି କିଣାଯାଇ ନ ଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ମଣ୍ଡିରେ ଅଖା ବସ୍ତା ପ୍ରତି ମଣ୍ଡିରେ ୨୦ଟଙ୍କା ସଂଗ୍ରହ କରାଯାଉଛି। ତାହା ପୁଣି ନିମ୍ନମାନର ଅଖାବସ୍ତା। ତେବେ ଟଙ୍କା ସଂଗ୍ରହ ବିଷୟକୁ ନିଜେ ମଣ୍ଡିର ଡିଇଓ ସ୍ୱୀକାର କରିଛନ୍ତି। ମିଳିଥିବା ସୂଚନାନୁସାରେ, ଏହି ମଣ୍ଡିରେ ୪୩୦ ଚାଷୀ ରହିଥିବା ବେଳେ ୧୯ ହଜାର ୯୨୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଟାର୍ଗେଟ୍ ରହିଛି। ୪ଜଣ ମିଲରଙ୍କୁ ଏହି ମଣ୍ଡିରେ ଧାନ କିଣିବା ପାଇଁ ଟ୍ୟାଗିଂ କରାଯାଇଛି। ଶ୍ରୀ ଗଣେଶ ପେଡ୍ଡି ପ୍ରୋସେସିଂକୁ ୬୪୧୦ କ୍ୱିଣ୍ଟାଲ, ଭଗବତୀ ରାଇସ୍ ମିଲକୁ ୩୨୧୦ କ୍ୱିଣ୍ଟାଲ, ପୁରୁଷୋତ୍ତମ ଫୁଡ୍ ପ୍ରଡକ୍ଟକୁ ୭୩୦୦ କ୍ୱିଣ୍ଟାଲ ଓ ରାଧାକ୍ରିଷ୍ଣା ରାଇସ ମିଲକୁ ୩୦୦୦ କ୍ୱିଣ୍ଟାଲ ଧାନ କିଣିବାକୁ କୁହାଯାଇଛି।

ତେବେ ୧୮୨ କ୍ୱିଣ୍ଟାଲକୁ ଛାଡ଼ିଦେଲେ କୌଣସି ବି ମିଲର୍ ଏହି ମଣ୍ଡିରୁ ଧାନ ଉଠାଇ ନଥିବା ଜଣାପଡ଼ିଛି। ଯଦି ଜିଲ୍ଲା ପ୍ରଶାସନର ଆଖି ତଳେ ଥିବା ମଣ୍ଡିର ଏଭଳି ଅବସ୍ଥା, ତେବେ ଜିଲ୍ଲାର ଅନ୍ୟ ମଣ୍ଡି କଥା ପଚାରେ କିଏ। ଗତ କିଛି ଦିନ ଭିତରେ ମିଲରଙ୍କ ମନମାନି ପଦାରେ ପଡ଼ିଥିବା ବେଳେ ମିଲ ମାଲିକଙ୍କ ଆଗରେ ପ୍ରଶାସନ ଅସହାୟ ଥିବା ଦେଖିବାକୁ ମିଳିଛି। ଲୋକଦେଖାଣିଆ ଭାବେ ୪ ମିଲ୍କୁ ନୋଟିସ୍ କରାଯାଇଥିବା ବେଳେ ଜିଲ୍ଲାର ଅନେକ ଏମିତି ମିଲର ରହିଛନ୍ତି, ଯେଉଁମାନେ କି ଧାନ ଉଠାଇ ନାହାନ୍ତି। ଏହିଭଳି ଅବ୍ୟବସ୍ଥା ଲାଗି ରହିଲେ, ସ୍ୱାଭାବିକ ଭାବେ ଜିଲ୍ଲାର ଚାଷୀ ପ୍ରଭାବିତ ହେବ ବୋଲି ଅଭିଯୋଗ ହେଉଛି।

■ ଧାନକିଣା ସ୍ଥିତିକୁ ଦେଖି ବର୍ଷିଲେ ନରସିଂହ

## 'ସରକାରୀ ଅବ୍ୟବସ୍ଥା ଯୋଗୁଁ ଚାଷୀ ଧାନ ବିକିପାରୁନି'

ବଲାଙ୍ଗିର ଜିଲ୍ଲାରେ ଧାନକିଣା ଅବ୍ୟବସ୍ଥାକୁ ନେଇ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ୩୧ଶହ ଟଙ୍କାରେ ଧାନ କିଣିବେ ବୋଲି କହିଥିଲେ। କିନ୍ତୁ ସେମାନେ ଧାନ ହିଁ କିଣୁନାହାନ୍ତି। ସରକାର ଏଭଳି ବ୍ୟବସ୍ଥା କରିଛନ୍ତି ଯେ ଚାଷୀ ଧାନ ବିକି ପାରୁନାହିଁ। ସବୁ ମଣ୍ଡିରେ ଦୁଇଟି ମେସିନ୍ ରହିବା କଥା। ଗୋଟିଏ ମେସିନ ଧାନର ଏଫ୍‌ଏକ୍ୟୁ ମାନ ବିଷୟରେ ସୂଚନା ଦେବ। ଧାନ କାହିଁକି ଏଫଏକ୍ୟୁ ମାନର ନୁହେଁ, ସେଥିରୁ ଏକ ରସିଦ୍ ବାହାରିବ। ଅନ୍ୟ ମେସିନ୍ରେ ସେହି ଧାନକୁ ପକାଇଦେଲେ ନନ୍-ଏଫଏକ୍ୟୁ ଧାନ ଏଫଏକ୍ୟୁ ହୋଇ ବାହାରିବ। ଫଳରେ ଚାଷୀ ଧାନ ବିକ୍ରି କରିପାରିବେ। କିନ୍ତୁ ଜିଲ୍ଲାର କୌଣସି ମଣ୍ଡିରେ ସେ ମେସିନ୍ ନାହିଁ। ସେହିପରି କଟ୍ନି-ଛଟ୍ନି ବନ୍ଦ ହୋଇନାହିଁ। ପୂର୍ବାପେକ୍ଷା ଏହା ଅଧିକ ହେଉଛି। ଫଳରେ ଚାଷୀ କ୍ଷତି ସହୁଛି। ମଣ୍ଡି ଖୋଲି ଦିଆଯାଇଛି କିନ୍ତୁ ଧାନ କିଣାଯାଉ ନାହିଁ। ଯାହାର ଧାନ ଅମଳ ହୋଇନାହିଁ, ତାକୁ ଟୋକନ ମିଳିଛି। ଯାହାର ଧାନ ଅଛି, ତାକୁ ଟୋକନ୍ ମିଳିନାହିଁ। ଏମିତିରେ ଜିଲ୍ଲାରେ ଧାନକିଣା ଚରମ ଅବହେଳିତ ହୋଇ ପଡ଼ିରହିଛି ବୋଲି ଶ୍ର ମିଶ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

## 'ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡ୍‌କ୍ରସର ସେବା ଅତୁଳନୀୟ'




**କଣ୍ଟାବାଞ୍ଜି, ୧୯ ।୧୨(ସମିସ):** ରେଡ୍‌କ୍ରସ ଏକ ବିଶ୍ୱସ୍ତରୀୟ ସଂଗଠନ। ପୀଡ଼ିତ ବର୍ଗଙ୍କୁ ରେଡକ୍ରସ ସବୁ ସମୟରେ ସହାୟତାର ହାତ ବଢ଼ାଇ ଆସିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରେଡ୍‌କ୍ରସର ସେବା ଅତୁଳନୀୟ ଅଟେ ବୋଲି ଜିଲ୍ଲାସ୍ତରୀୟ ରେଡକ୍ରସ୍ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ବହୁ ବ୍ୟକ୍ତି ପ୍ରକାଶ କରିଛନ୍ତି। କଣ୍ଟାବାଞ୍ଜି କେ.ଭି କଲେଜରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କେ.ଭି କଲେଜ ଅଧ୍ୟକ୍ଷ ଡ. ପଦ୍ମଲୋଚନ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଣ୍ଟାବାଞ୍ଜି ଏନ୍‌ଏସି ଅଧ୍ୟକ୍ଷ ବରିୟମ ସିଂ ସାଲୁଜା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସମାଜସେବୀ କୈଳାସ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ଅନିଲ ଅଗ୍ରୱାଲ, ନିର୍ମଳ କୁମାର ଜୈନ, ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଡ. ଦୈତାରୀ ପୁଜାରୀ, ଆବାହକ ସମ୍ପାଦକ ଅମୃତ ସିଂ ବରିହା, +୨ କଲେଜ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଯୋଗଦେଇଥିଲେ। କେ.ଭି କଲେଜ ଯୁବରେଡକ୍ରସ ପରାମର୍ଶଦାତା ରୋହିତ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେଚ୍ଛାସେବୀ ଅଙ୍କିତା, ଶୁଭଶ୍ରୀ, ଗୁଣ୍ଡିଚାରାଣି, ଧନମନ୍ଦି, ଇପ୍ସାପ୍ରିୟା, ଅଲିଭା ଦ୍?ାରା ସାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ବବିତା ଦେବଦର୍ଶନୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ବଲାଙ୍ଗିର ଜିଲ୍ଲାର ୩୫ ଟି କଲେଜର ପରାମର୍ଶଦାତା ତଥା ଶତାଧିକ ସେଚ୍ଛାସେବୀ ଯୋଗଦେଇଥିଲେ। ଏଥିରେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ପରାମର୍ଶଦାତା ବଳଭଦ୍ର ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ଡ. ସଞ୍ଜୟ ମିଶ୍ର, ପରାମର୍ଶଦାତା ସୁଦାମ ଚନ୍ଦ୍ର ମହାପାତ୍ର, ସତ୍ୟନାରାୟଣ ବାଗ୍, ବିଶ୍ୱଭୂଷଣ ବିଶ୍ୱାଳ, ସୂର୍ଯ୍ୟକାନ୍ତ ପଧାନ, ସୁବ୍ରତ କୁମାର ତ୍ରିପାଠୀ, ଜ୍ୟୋତିରାଣୀ ମହାନ୍ତି, ଜୟନ୍ତ କୁମାର ବାରିକ, ଡ. ନେପାଳ ସେଠୀ, ଭବାନୀକାନ୍ତ ବାଗ, ରାମନାରାୟନ ଚାନ୍ଦ, ରେସ୍‌ମା ନାଗ, ରାଜେଶ ମହାନ୍ତି, ଅମିସା ସାହୁ, ସିଦ୍ଧାନ୍ତ ସେଲମା, ରାହୁଲ ଦାଶଙ୍କ ସମେତ ଯୁବରେକ୍ରସର ପରାମର୍ଶଦାତା ହୋଇଥିଲେ।

## ଜିଲ୍ଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ବଲାଙ୍ଗିର, ୧୯।୧୨(ସମିସ):** ଦୁଇଦିନ ଧରି ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଜିଲ୍ଲା କ୍ରୀଡ଼ା ସଂସଦର ୫୩ତମ ବାର୍ଷିକ କ୍ରୀଡ଼ା ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଏଥିରେ ଯୋଗଦେଇ କ୍ରୀଡାବୀତଙ୍କୁ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ କ୍ରୀଡ଼ା ଧ୍ୱଜାବତରଣ କରିଥିଲେ। ସମ୍ପାଦକ ହରିନାରାୟଣ ପୁଜାରୀଙ୍କ ଆବାହକତ୍ୱ, କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତା ଓ କ୍ରୀଡା ସମ୍ପାଦକ ବିଭୁତି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ ବେହେରା, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ନବୀନ ବହିଦାର, ପ୍ରଭାତ ମିଶ୍ର, ଶିଶିର ବହିଦାର, ସୁଧୀର ପଣ୍ଡା, ଜୟରାମ ମିଶ୍ର, ରବୀନ୍ଦ୍ର ମିଶ୍ର, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ଫୁଟବଲ ସମ୍ପାଦକ ଶରତ ନନ୍ଦ, ଭଲିବଲ ସମ୍ପାଦକ ସଂଗ୍ରାମ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ କ୍ରୀଡ଼ା ଶିକ୍ଷକ ସୁନୀଲ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। ବିଜୟ ତ୍ରିପାଠୀଙ୍କ ନେତୃତ୍ୱରେ ମାଧୁରୀ ପଣ୍ଡା ଓ ଅନ୍ୟମାନେ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନେକ ପୂର୍ବତନ କ୍ରୀଡାବିତମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିନର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୦ହଜାର ମିଟର ରେସ୍ ରେ ରାଧେଶ୍ୟାମ ହରିପାଲ, ବାଳକ ୧୬ ବର୍ଗ ଜେଭେଲିନରେ ସମିର ନାଗ, ବାଳକ ୧୮ ବର୍ଗ ଲଙ୍ଗ ଜମ୍ପରେ ଏ.ଏସ୍.ଜେନିନ୍ ଆବ୍ରାହମ, ବାଳକ ୨୩ ବର୍ଗ ୨୦୦୦ ମି. ରେ ସ୍ୱାଗତ କୁମାର ସା, ୮୦୦ ମି. ରେ ରାଜ କିଶୋର କନହେର, ବାଳକ ୧୮ ବର୍ଗ ୨୦୦ ମି. ରେ ଚିତ୍ତ ରଞ୍ଜନ ପଧାନ, ବାଳକ ୨୦ ବର୍ଗ ୨୦୦ ମି.ରେ ପଦ୍ମନାଭ ପୁଟେଲ, ବାଳିକା ୨୩ ବର୍ଗ ୨୦୦ ମି.ରେ କମଳିନି ହଂସ, ବାଳିକା ୧୮ ବର୍ଗ ଲଙ୍ଗଜମ୍ପରେ ଦ୍ରୋପଦୀ ପ୍ରଧାନୀ, ବାଳିକା ୧୬ ବର୍ଗ ଲଙ୍ଗଜମ୍ପରେ କଲ୍ୟାଣି ପୁଞ୍ଜି, ହାଇଜମ୍ପରେ କିରଣ ମିର୍ଦ୍ଧା, ବାଳିକା ୧୮ ବର୍ଗ ସଟ୍ ପୁଟରେ ଦ୍ରୌପଦି ପ୍ରଧାନୀ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।



## ଏବିଭିପି ପକ୍ଷରୁ ବିକ୍ଷୋଭ



**ଭବାନୀପାଟଣା, ୧୯ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇନ୍ଦ୍ରାବତୀ ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ମିଳିବା ଘଟଣାରେ ଏବିଭିପି ବିକ୍ଷୋଭ ପ୍ରଦର୍ଶନ କରିଛି। ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପରିସରରେ ଛାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇ ଏବିଭିପି କ୍ଷୋଭ ପ୍ରକାଶ କରିଛି। ଏହି ବିଶ୍ୱ ବିଦ୍ୟାଳୟରେ ଆଣ୍ଟି ରାଗିଂ ସେଲ ନାହିଁ ବୋଲି ଏବିଭିପି ଅଭିଯୋଗ କରିଛି। ଯଥା ଶୀଘ୍ର ତଦନ୍ତ କରାଯାଇ ସତ ସାମନାକୁ ଆସୁ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ମିଳୁ ବୋଲି ଦାବି କରାଯାଇଛି।

## ଜ୍ଞାନଜ୍ୟୋତି ତପୋବନ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା

**ବଲାଙ୍ଗିର, ୧୯ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ସଦର ବ୍ଲକ କୁଡ଼ାସିଂହା ଗ୍ରାମରେ ଥିବା ଜ୍ଞାନଜ୍ୟୋତି ତପୋବନ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୧୬୯ ଜଣ ଶିଶୁ ଉପସ୍ଥିତ ଥିଲେ। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏଁ ଶିଶୁ ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ବିଭିନ୍ନ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇ ଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁଷ୍ପାଞ୍ଜଳି ହୋତା, ସମ୍ମାନିତ ଅତିଥି ଅସୀମ ଭୋଇ, ନମିତା ମହାନ୍ତି, ଇନ୍ଦ୍ରମଣି ଅତବୁଦ୍ଧି ଯୋଗ ଦେଇଥିଲେ। ଫକୀର ସାହୁ ଅତିଥି ପରିଚୟ କରିଥିଲେ। ଲିଙ୍ଗରାଜ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।ସମସ୍ତ ଗୁରୁଜୀ ଗୁରୁମା ଙ୍କ ପୂର୍ଣ୍ଣ ସହଯୋଗରେ କ୍ରୀଡା ଉତ୍ସବ ସଫଳ ହୋଇଥିଲା

## ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ଥୁଆମୂଳ ରାମପୁର, ୧୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସଦରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସୀତାକାନ୍ତ ରଣା ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀ ମାଁ ମାଣିକେଶ୍ୱରୀ ମନ୍ଦିରରୁ ମଶାଲ ଯାତ୍ରାରେ ଯାଇ ବିଦ୍ୟାଳୟରେ ପହଞ୍ଚିବା ପରେ ସ୍ଥାପନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଅନିରୁଦ୍ଧ ମୁଦୁଲି ପରିଚାଳନା କରିଥିଲେ। ୧୮ଟି ଇଭେଣ୍ଟରେ ୧୯୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଯାପନୀ ସଭାରେ ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷୟତ୍ରୀ ସଙ୍ଗୀତା ଧରୁଆ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ। ଟିପୁନ ମହାଲିକ, ମୁକେଶ ସାହୁ, କ୍ଷୀରସିନ୍ଧୁ ଲୁହା, ସିଦ୍ଧେଶ୍ୱର ଭୋଇ, ପ୍ରଦୀପ ନାଗ, ସଞ୍ଜୀବ ଭୋଇ, ଲୋହିତ ନାଗ, ଶେଫାଳି ତନ୍ତି, ସଞ୍ଜୀବ ଭୁଏ, ଦେବବ୍ରତ ଦାସ, ବିଶ୍ୱନାଥ ହେମ୍ବ୍ରମ, ଲିପିଶ୍ରୀ ବାରିକ, ଆଲୋକ ମହନ୍ତ, ରଣଜିତ ସାହୁ, ପରମେଶ୍ୱର ସାମଲ ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

୨୫ଦିନରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା

## ଗାଁ ଗାଁରୁ ଛୁଟୁଛି ସମର୍ଥନର ସୁଅ

**ଖପ୍ରାଖୋଲ, ୧୯ ।୧୨ (ସମିସ)**

ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ପରିସରରେ ଗନ୍ଧମାର୍ଦ୍ଦନ ପର୍ବତର ଏକ ସ୍ଥାୟୀ ସୁରକ୍ଷା ପାଇଁ ଚାଲିଥିବା ଗଣଧାରଣାକୁ ୨୫ଦିନ ବିତି ଯାଇଛି। ଏହି ଗଣଧାରଣା ଅବସରରେ ଖପ୍ରାଖୋଲ ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁ ଗାଁରୁ ମହିଳା ଓ ପୁରୁଷମାନଙ୍କର ସମର୍ଥନର ସୁଅ ଛୁଟିବାରେ ଲାଗିଛି। ଆଜକୁ ୨୫ଦିନ ଗଣଧାରଣା ଜାରି ରହିଛି। ଗନ୍ଧମାର୍ଦ୍ଦନ ଆନ୍ଦୋଳନର ପ୍ରତିଷ୍ଠାତା ତଥା କପିଳ ମୁନି ଆଶ୍ରମ ଏବଂ ମହାନ




ସଂଗ୍ରାମୀମାନଙ୍କର ସ୍ମୃତି ପୀଠର ପୁରୋଧା ସ୍ୱାମୀ ସୋମବେଶଜୀ ଗଣଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଉପଦେଷ୍ଟା ସୁଶିଲ ନାୟକ କହିଥିଲେ ଯେ ବିଧାନସଭାରେ ସ୍ପଷ୍ଟିକରଣ ଏକ ସ୍ୱତନ୍ତ୍ର ଆଇନ ନୁହେଁ ଏହା ନିଜ ଦୋଷ ଦୁର୍ବଳତା ଲୁଚାଇବା। ତଣୁ ଉପମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟିକରଣ ଏକ ପ୍ରହେଳିକା। ଏହି ଗଣଧାରଣାରେ ଜଳଧର ତାଣ୍ଡି, ତରଣୀ ସେନ ସାହୁ, ଚମ୍ପେଶ୍ୱର ରାଜପୁତ, ଯୋଶୋବନ୍ତ ବରିହା, ବିକାଶ ମହାନନ୍ଦ, ଟେକେନ୍ଦ୍ର ଜାଲ, ଆବାହକ ଜୟସିଂ ପୁଝାରୀ, ଶୁଶିଳ ନାୟକ, କ୍ଷମନିଧି ଭୋଇ, ରଘୁନାଥ ସିଂ ବରିହା, ଦୁର୍ଯ୍ୟଧନ ବରିହା, ଘନଶ୍ୟାମ ବିଶ୍ୱାଳ, ପଞ୍ଚମ ପଧାନ ପ୍ରମୁଖ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସଦସ୍ୟ ଉପସ୍ଥିତ ରହିଥିଲେ।

## ପୋଷ୍ୟସନ୍ତାନ ଗ୍ରହଣ ସମ୍ପର୍କିତ ସଚେତନତା

**ଗୁଡଭେଲା, ୧୯ ।୧୨(ସମିସ):** ଗୁଡ଼ଭେଲା ବ୍ଲକର କଲ୍ୟାଣମଣ୍ଡପ ଠାରେ ପୋଷ ସନ୍ତାନ ଗ୍ରହଣ, ପ୍ରତିପାଳନ ଶିଶୁ ଯତ୍ନ ଆଧାରିତ ସଚେତନତା ଗୁଡଭେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆର୍ତ୍ତତ୍ରାଣ ଥାଟିଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ - ଅରୁଣାର ଜିଲ୍ଲା ପରାମର୍ଶଦାତା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାସନ୍ତୀ ଜାନୀ, ସିଡିପିଓ କହିଲେ ମା ଗର୍ଭରୁ ଆରମ୍ଭ କରି ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଶିଶୁ ଓ ମହିଳା ବିଭାଗ ତରଫରୁ ଶିଶୁର ବିକାଶ, ସୁରକ୍ଷା ଓ ସର୍ବାଙ୍ଗୀନ ଉନ୍ନତି ସକାଶେ ବିଭିନ୍ନ ପ୍ରକାର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଗୁଡ଼ଭେଲା ବ୍ଲକର ପଞ୍ଚାୟତ ବିକାଶ ଅଧିକାରୀ ସାଜନ ସାହୁ ପୋଷ୍ୟ ସନ୍ତାନ ଗ୍ରହଣରେ ଆଇନଗତ ବିଧି ବ୍ୟବସ୍ଥା ଉପରେ ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଚାଇଲ୍ଡହେଲ୍ପ ଲାଇନର ବିକ୍ରମ ପଣ୍ଡା ଯୋଗଦାନ କରି ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ବିଶଦ ଉପରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥାପିତ ଥିବା ଅରୁଣାର ଜିଲ୍ଲା ପରାମର୍ଶଦାତା ଫୋଷ୍ଟର କେଆର, ଯଶୋଦା, ପନସର୍ସିପ୍, ଗ୍ରୀନ ପେସେଜ୍ ଯୋଜନା ଉପରେ ଜଣାଇଥିଲେ। କାର୍ଯ୍ୟକ୍ରମରେ ଗୁଡଭେଲା ବ୍ଲକରୁ ଆଶା, ଅଙ୍ଗନବାଡ଼ି, ଏଏନ୍‌ଏମ୍, ସୁପରଭାଇଜର ୩୦୦ରୁ ଉର୍ଦ୍ଧ୍ୱ ଉପସ୍ଥିତ ଥିଲେ।

# କୁଆଡ଼େ ଗଲେ ୬୬, ୮୧୯ ରାସନକାର୍ଡ ହିତାଧିକାରୀ



● ଅପଡେଟ୍ ହେଉନି ଇ- କେୱାଇସି
● ଆଉ ମାତ୍ର ୧୨ ଦିନ ବାକି
● ଅଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ

ବୌଦ୍ଧ, ୧୯ ।୧୨(ସମିସ)

ରାଜ୍ୟରେ ଭୂତ ରାସନକାର୍ଡ ହିତାଧିକାରୀ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଆଧାର କାର୍ଡ ଆଧାରିତ ଇ କେୱାଇସି ଅପଡେଟ ପ୍ରକ୍ରିୟା ଜାରି ରହିଛି। ବୌଦ୍ଧ ଜିଲ୍ଲାରେ ଏଯାବତ ୬୬, ୮୧୯ ଜଣ ରାସନକାର୍ଡ ହିତାଧିକାରୀ ଇ କେୱାଇସି ଅପଡେଟ କରିନାହାନ୍ତି। ରାଜ୍ୟରେ ଚଳିତ ବର୍ଷ ଅଗଷ୍ଟ ୨୨ ତାରିଖରୁ ରାସନକାର୍ଡ ହିତାଧିକାରୀଙ୍କ ଇ କେୱାଇସି ଅପଡେଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶେଷ ତାରିଖ ସେପ୍ଟେମ୍ବର ୨୫ ଥିଲା। ଇ କେୱାଇସି ଅପଡେଟ ହାର ଉତ୍ସାହଜନକ ନ ହେବାରୁ ଶେଷ ତାରିଖ ନଭେମ୍ବର ୩୦ ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ସମୟରେ ପୁଣି ଅପଡେଟ କରିବାର ଅବଧି ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ତେବେ ପ୍ରକ୍ରିୟା ଆରମ୍ଭ ହେବାର ୪ ମାସ ବିତିଯାଇଥିଲେ ହେଁ ଅଦ୍ୟାବଧି ବୌଦ୍ଧ ଜିଲ୍ଲାରେ ୩, ୦୭, ୩୩୨ ଜଣ ହିତାଧିକାରୀ ଇ କେୱାଇସି ଅପଡେଟ କରିଥିବା ବେଳେ ୬୬, ୮୧୯ ଜଣ ରାସନକାର୍ଡ ହିତାଧିକାରୀ ଅପଡେଟ କରିନାହାନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଲାଗୁ ହେବାପରେ ୨୦୧୩ରୁ ୨୦୧୫ ମସିହା ମଧ୍ୟରେ ୩, ୬୧, ୪୮୦ ଜଣ ଏବଂ ୨୦୧୮ ମସିହାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନ ୧୩, ୧୭୭ ଜଣ ଏହିଭଳି ମୋଟ ୩, ୭୪, ୬୫୭ ଜଣ ରାସନକାର୍ଡ ହିତାଧିକାରୀ ବୌଦ୍ଧ ଜିଲ୍ଲାରେ ଚିହ୍ନଟ ହୋଇ ବିଭିନ୍ନ ସରକାରୀ ଯୋଜନାରେ ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଆସୁଥିଲେ। ସେଥିମଧ୍ୟରୁ ୫୦୬ ଜଣ ମୃତ, ଅଯୋଗ୍ୟ ଏବଂ ଭୂତ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ବର୍ତ୍ତମାନ ୩, ୭୪, ୧୫୧ ଜଣ ହିତାଧିକାରୀ ଜିଲ୍ଲାରେ ଅଛନ୍ତି। ତିନୋଟି ବ୍ଲକ ଏବଂ ଗୋଟିଏ ଏନଏସି ବିଶିଷ୍ଟ ବୌଦ୍ଧ ଜିଲ୍ଲାର ବୌଦ୍ଧ ବ୍ଲକରେ ୧, ୨୪, ୪୪୨ ହିତାଧିକାରୀଙ୍କ ମଧ୍ୟରୁ ୨୦, ୬୫୯ ଜଣ, ହରଭଙ୍ଗା ବ୍ଲକରେ ୧, ୦୯, ୪୫୧ ହିତାଧିକାରୀଙ୍କ ମଧ୍ୟରୁ ୧୯, ୬୭୮ ଜଣ, କଣ୍ଟାମାଳ ବ୍ଲକରେ ୧, ୨୯, ୧୪୭ ହିତାଧିକାରୀଙ୍କ ମଧ୍ୟରୁ ୨୪, ୪୩୬ ଜଣ ଏବଂ ବୌଦ୍ଧ ଏନଏସିରେ ୧୧, ୧୧୧ ହିତାଧିକାରୀଙ୍କ ମଧ୍ୟରୁ ୯୦୬୫ ଜଣ ଏହିପରି ସର୍ବମୋଟ ୬୬, ୮୧୯ ଜଣ ହିତାଧିକାରୀ ଇ କେୱାଇସି ଅପଡେଟ କରିନାହାନ୍ତି। ଜିଲ୍ଲାରେ ପ୍ରାୟ ୧୮ ପ୍ରତିଶତ ହିତାଧିକାରୀ ଇ କେୱାଇସି ଅପଡେଟ କରିନାହାନ୍ତି। ପ୍ରବାସୀ ଶ୍ରମିକ ଏବଂ ମୃତ ବ୍ୟକ୍ତିଙ୍କ ଇ କେୱାଇସି ଅପଡେଟ ହୋଇ ନ ନ ଥିବା ଅଧିକାରୀମାନେ କହୁଛନ୍ତି। ସେହିପରି ଅନେକ ଥିଲାବାଲା ଲୋକ ମଧ୍ୟ ରାସନ କାର୍ଡ ହାତେଇଥିବା ବେଳେ ଏହି ଅଯୋଗ୍ୟ ହିତାଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଭୟରେ ଇ କେୱାଇସି ଅପଡେଟ କରୁ ନ ଥିବା ଚର୍ଚ୍ଚା ହେଉଛି। ଇ କେୱାଇସି ଅପଡେଟ କରିବାର ଅବଧି ଆଉ ମାତ୍ର ୧୧ ଦିନ ବାକି ଥିବାବେଳେ ୬୬, ୮୧୯ ଜଣ ହିତାଧିକାରୀ କୁଆଡେ ଗଲେ ବୋଲି ପ୍ରଶ୍ନ ସୃଷ୍ଟି ହେଉଛି। ତେବେ ଅଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ ଏବଂ ବିଭିନ୍ନ ସରକାରୀ ଯୋଜନାରେ ଲାଭାର୍ଥୀ ଭାବେ ସୁବିଧା ସୁଯୋଗ ପ୍ରଦାନ କରାଯିବା ଯୋଗୁଁ ରାଜକୋଷରୁ ଶହ ଶହ କୋଟି ଟଙ୍କା ବରବାଦ ହୋଇଛି। ଏଥିରେ ସମ୍ପୃକ୍ତ ଅଧିକାରୀ ଏବଂ ହିତାଧିକାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି।

● ପ୍ରାତଃଭ୍ରମଣ ବେଳେ ଚଢ଼ିଗଲା ବୋଲେରୋ

## ଜଣେ ମୃତ, ଜଣେ ଗୁରୁତର

**ଶଗଡ଼ା, ୧୯ ।୧୨(ସମିସ):** ମନମୁଣ୍ଡା-କଣ୍ଟାମାଳ ରାସ୍ତାର ସାନକୁସଙ୍ଗ ନିକଟରେ ଦୁର୍ଘଟଣା ଘଟିଛି। ପ୍ରାତଃଭ୍ରମଣରେ ଯାଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରୁଣ୍ଡିମହୁଲ ଗ୍ରାମର ଲିଙ୍ଗରାଜ ସାହୁ। ଗୁରୁତର କାଶୀନାଥ ସାହୁ ବୁର୍ଲା ସ୍ଥାନାନ୍ତର ହୋଇଛନ୍ତି। ଉଭୟ ପ୍ରାତଃଭ୍ରମଣରେ ଯାଉଥିବା ବେଳେ ଏକ ବୋଲେରୋ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଛି।

## ବର୍ଣ୍ଣାଳୀ ତାଲିମ ଶିବିର ଉଦ୍ୟାପିତ



**ପଲଶାଗୋରା, ୧୯ ।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମିଳିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିକ୍ଷକଙ୍କୁ ନେଇ ଚାଲିଥିବା ୩ ଦିନିଆ ବର୍ଣ୍ଣାଳୀ ତାଲିମ ଶିବିର ଉଦ୍ୟାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗାଚରଣ ପ୍ରଧାନ ଯୋଗଦେଇ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ତାଲିମ ଶିବିରରେ ୫ଟି କ୍ଲଷ୍ଟରର ୪୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଉଦ୍ୟାପନୀ ଦିବସରେ ସୁଜତା ମହାପାତ୍ର, ରାଜଲକ୍ଷ୍ମୀ ପଣ୍ଡା ଯୋଗଦେଇ ସାମାଜିକ ଲିଙ୍ଗଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀ କରଣ ଉପରେ ବକ୍ତବ୍ୟ ରଖିଥିଲେ। ନରେନ୍ଦ୍ର ସାହୁ, ପ୍ରଜୀନା ପାଢ଼ୀ, ଦୁଷ୍ମନ୍ତ ସାହୁ, ଶ୍ରୀପତି ସାହୁ ତାଲିମ ପ୍ରଦାନ କରିଥିଲେ। ଏବିଇଓ ଉଦ୍ଧବ ମହାଲିକ ଯୋଗଦେଇ ସମସ୍ତ ତାଲିମ ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା



**ସୁବଳୟା/ବୀରମହାରାଜପୁର, ୧୯ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମିନି ଷ୍ଟାଡିୟମରେ ଠାରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ରଘୁନାଥ ଜଗଦଲା, ସାଂସଦ ପ୍ରତିନିଧି ନଳନୀ ପଣ୍ଡା, ଜିଲ୍ଲା କୃଷି ଅଧିକାରୀ ରୁଦ୍ର ରାଉତ, ଏସଡିଭିଓ ଡ. ଅଜୟ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଅତିରିକ୍ତ ଉପ ଜିଲ୍ଲାପାଳ ଉପେନ୍ଦ୍ର ଦାସ, ଏଡିଏ ବିଦ୍ୟାଧର ଦାସ, ତହସିଲଦାର ପୁନମ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ।ଏହି ଅବସରରେ ସୁରେଶ ଭୋଇ, ପ୍ରହଲ୍ଲାଦ ନାଏକ ପ୍ରମୁଖ ଚାଷୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତରଭା ବ୍ଲକ କୃଷି ଅଧିକାରୀ ସୁଶ୍ରୀ ସ୍ମିତା ପଣ୍ଡା ସଭା ପରିଚାଳନା କରିଥିବା ବେଳେ ସ୍ଥାନୀୟ କୃଷି ଅଧିକାରୀ ଧିରେନ୍ଦ୍ର ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମସ୍ତ କୃଷି କର୍ମଚାରୀ ସହଯୋଗ କରିଥିଲେ।

● ଅନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ସୁଧୀରଙ୍କୁ ୨ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ

**ବୀରମହାରାଜପୁର, ୧୯।୧୨(ସମିସ):** ଗୋଆରେ ହୋଇଥିବା ଅନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରସ୍ଥିତ କ୍ରିପାଲ ଫିଟ୍‌ନେସ ସେଣ୍ଟର୍‌ର ସୁଧିର ପଧାନ ବାଜିମାତ କରିଛନ୍ତି। ତିନୋଟି ବିଭାଗରେ ଭାଗନେଇ ସେ ଦୁଇଟିରେ ସ୍ୱର୍ଣ୍ଣ ଏବଂ ଗୋଟିଏରେ ରୌପ୍ୟ ପଦକ ଜିଣି ଜିଲ୍ଲାପାଇଁ ଗୌରବ ଆଣିଛନ୍ତି। କ୍ରିପାଲ ଫିଟନେସ୍‌ର ୧୫ ଜଣ ଖେଳାଳି ବିଭିନ୍ନ ବିଭାଗରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ବେଳେ ତା ସହ ତାଙ୍କ ତାଲିମଦାତାଙ୍କୁ ମଧ୍ୟ ଶ୍ରେଷ୍ଠ କୋଚ୍‌ଭାବେ ପୁରସ୍କୃତ କରାଯାଇଛି। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।



## କେନଝରିଆପାଲି ପାକ୍ସରେ ଧାନମଣ୍ଡି ଉଦ୍‌ଘାଟିତ



**ସୁବଳୟା, ୧୯।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ କେନଝରିଆପାଲି ସ୍ଥିତ ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷର ଧାନ କିଣା ପାଇଁ ବୁଧୁବାର ଶୁଭାରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏଆରସିଏସ ଗିରିଶ ଚନ୍ଦ୍ର ପୁରୋହିତ ଯୋଗଦେଇ ଚଳିତ ବର୍ଷର ଧାନ କିଣା ସ୍ୱଚ୍ଛ ଓ ସୁରୁଖୁରୁରେ କେମିତି ଚାଷୀମାନେ ଧାନ ବିକ୍ରି କରିବେ ସେ ନେଇ ଚାଷୀମାନଙ୍କୁ ବୁଝାଇଥିଲେ। ପାକ୍ସ ସଭାପତି ରାଜଗୋପାଳ ପାଣିଗ୍ରାହୀ, ସମ୍ପାଦକ ରାଜେନ୍ଦ୍ର କୁମାର ପଧାନ, ଡିଇଓ ପ୍ରଦ୍ୟୁମ୍ନ ଗାଇଗରିଆ, ପାକ୍ସ କର୍ମଚାରୀ ମଧୁ ଖେତୀ, ରାଜେନ୍ଦ୍ର ମେଣ୍ଡିଲି ଓ ଚାଷୀ ସତ୍ୟାନନ୍ଦ ଜାଲ, ଦୁଆରୁ ପଧାନ, ଲଳିତ ବିଶ୍ୱାଳ, ରଞ୍ଜନପଧାନ ଓ ବୁଧୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ପାକ୍ସ ଅଧୀନରେ ଥିବା ତେଲିପାଲି, ଜଟିଆପାଲି, ଅମାତପାଲି, କେନଝରିଆପାଲି, ବାଘରତୈଳା, ମହୁଲପାଲି, ଅଚଣ୍ଡା, ଲୁଡୁରପଙ୍କ, ଘିଚାପାଲି, ରୁଗୁଡ଼ିପାଲି ଓ ହୀରାପାଲି ପ୍ରଭୃତି ଗାଁର ଚାଷୀମାନେ ଧାନ ବିକ୍ରି କରିବାର ଜଣାଯାଇଛି। ଏଥିରେ ସର୍ବମୋଟ ୧୨୨୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି।

● ରାଜ୍ୟସ୍ତରୀୟ ବକ୍ସିଂ ଚୟନ ଶିବିର

## ଖେଳାଳିଙ୍କୁ ଦିଆଗଲାନି ସୂଚନା

**ସୁବଳୟା, ୧୯ ।୧୨(ସମିସ):** ରାଜ୍ୟସ୍ତରୀୟ ବକ୍ସିଂ ଚୟନ ଶିବିରରେ ପାତରଅନ୍ତର କରିବ ସହ ସୁବର୍ଣ୍ଣପୁର ଜିଲ୍ଲା ବକ୍ସିଂ ଖେଳାଳିଙ୍କୁ ଅଂଶ ଗ୍ରହଣ କରିବା ପାଇଁ ସୂଚନା ଦେଇ ନ ଥିବ ଅଭିଯୋଗ ହେଉଛି। ସୂଚନା ଅନୁସାରେ ରାଜ୍ୟସ୍ତରୀୟ ବକ୍ସିଂ ଚୟନ ଶିବିର ଚଳିତ ମାସ ୧୪ ଓ ୧୫ ତାରିଖରେ ରାଉରକେଲା ସ୍ଥିତ ସେକ୍ଟର ୫ ବିଜୁପଟ୍ଟନାୟକ ହକି ଷ୍ଟାଡିୟମରେ ବରିଷ୍ଠ ବକ୍ସିଂ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲ୍ଲା ବିଗତ ଦିନରେ ବକ୍ସିଂ ଖେଳାଳି ରାଜ୍ୟସ୍ତରୀୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତା ରେ ସ୍ୱର୍ଣ୍ଣ ପଦକ ସହିତ ଅନେକ ପଦକ ପାଇ ଆସୁଛନ୍ତି। କିନ୍ତୁ ଚଳିତ ବର୍ଷ ଜିଲ୍ଲାକୁ ବକ୍ସିଂ ଚୟନ ଶିବିରରେ ଭାଗ ନେବାକୁ ସୂଚନା ମଧ୍ୟ ଦେଇ ନଥିବା ଜିଲ୍ଲା ବକ୍ସିଂ ସଂଘ ସମ୍ପାଦକ ବ୍ରଜଗୋପାଳ ପଣ୍ଡା ଓ କୋଚ୍ କୃତିବାସ ଶତପଥି ଅଭିଯୋଗ କରିଛନ୍ତି। ଏ ନେଇ ରାଜ୍ୟ ବକ୍ସିଂ ସଂଘ ସମ୍ପାଦକ ଅନିଲ ବହିଦାରଙ୍କ ସହ ଯୋଗାଯୋଗ କରାଯିବାରୁ ଆମେ ସୋନପୁର ଅଥଲେଟିକ ଆସୋସିଏସନକୁ ସୂଚନା ଦେଇଛୁ କେଉଁ ମାଧ୍ୟମରେ ସୂଚନା ଦେଲେ ବୋଲି ପଚରାଯିବାରୁ ମୁଁ ନ ଦେଖିଲେ କହିପାରିବି ନାହିଁ କହିଥିଲେ। ଜିଲ୍ଲା ଆଥଲେଟିକ ଆସୋସିଏସନ୍ ସମ୍ପାଦକ ପୀୟୂଷ ପଣ୍ଡାଙ୍କ ସହ ଯୋଗାଯୋଗ କରାଯିବାରୁ ପୂର୍ବବର୍ଷ ମାନଙ୍କରେ ସୂଚନା ଦେଉଥିଲେ କିନ୍ତୁ ଚଳିତ ବର୍ଷ ଚିଠି କିମ୍ବା ମେଲ କି କୌଣସି ପ୍ରକାର ସୂଚନା ଦେଇ ନଥିବ କଥା କହିଥିଲେ।ଖେଳାଳିଙ୍କୁ ସୂଚନା ନ ଦେବା ରାଜ୍ୟ ସଂଘର କିପ୍ରକର ସ୍ୱାର୍ଥ ସାଧନ ହେବ ତାହା ବୁଝା ପଡୁନଥିବା ବକ୍ସିଂ ଖେଳାଳିଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

● ବେଫିକର ଜବରଦଖଲକାରୀ

## ସହରର ପୋଖରୀ ଓ ନାଳ ଉପରେ ନଜର

**ସୋନପୁର, ୧୯ ।୧୨(ସମିସ):** ଜନସାଧାରଣଙ୍କ ସୁବିଧା ଏବଂ ଜଳଧାରଣ କ୍ଷମତା ବୃଦ୍ଧି ପାଇଁ ସୋନପୁର ମହାରାଜା ସହରରେ ୨୦-୨୫ଟି ପୋଖରୀ ଖୋଳିଥିଲେ। ଜଳସେଚନ, ଶୌଚ ଏବଂ ଉତ୍ତାପ ନିୟନ୍ତ୍ରଣ ପାଇଁ ପୋଖରୀ ଗୁଡିକ ବିଶେଷ ସହାୟକ ହେଉଥିଲା। ରାଜା ରାଜୁଡା ସମୟରୁ ଥିବା ସହରର ପୁରାତନ ପୋଖରୀ ଏବଂ ନାଳ ଉପରେ ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। କେଉଁଠି ନାଳ ପୋତି ଦୋକାନ ବଜାର କରିଦେଲେଣି ତ କେଉଁଠି ପୋଖରୀ ପୋତି ଘର ନିର୍ମାଣ କରି ଚାଲିଛନ୍ତି। ସହରର କିଛି ପୋଖରୀ ଏବଂ ନାଳ ଏବେ ଇତିହାସ ପାଲଟି ଗଲାଣି। କିଛି ଲୋକ ପୋଖରୀ, ନାଳ ଉପରେ ଘର କରି ସ୍ଥାୟୀ ପଟ୍ଟା ପାଇଥିବାକୁ ନେଇ ବୁଦ୍ଧିଜୀବୀ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କେବଳଯେ ନାଳ କି ପୋଖରୀ ନୁହେଁ ଗୋଚର ଜମିକୁ ମଧ୍ୟ ଜବରଦଖଲ କରାଯାଉଛି।କିଛି ସରକାରୀ କାର୍ଯ୍ୟାଳୟ ଗୋଚର ଜମିରେ ନିର୍ମାଣ ହୋଇଛି। ଅନ୍ୟପକ୍ଷରେ ସହରର ପୋଖରୀ ଓ ନାଳ ପୋତିବା ଦ୍ୱାରା ପ୍ରତିକୂଳ ପ୍ରଭାବ ମଧ୍ୟ ଭୋଗିବାକୁ ପଡୁଛି। ରାଜା ରାଜୁଡା ସମୟରୁ ସହରର ବର୍ଷାଜଳ ବିଭିନ୍ନ ନାଳ ଦେଇ ମହାନଦୀକୁ ନିଷ୍କାସନ ହେଉଥିଲା। ତେଣୁ ପୂର୍ବରୁ କେବେ ବର୍ଷା ଦିନରେ ସୋନପୁର ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉନଥିଲା। କିଛି ବର୍ଷ ହେଲା ବର୍ଷା ଦିନେ ସୋନପୁର ସହରର ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇ ଯାଉଛି। ଆମ୍ବେଦକର ଛକ-ଜୟଗୁରୁ ମାର୍କେଟ କମ୍ପ୍ଲେକ୍ସ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ବୋହୁଛି। ମହାରାଜା ହାଇସ୍କୁଲ ଏବଂ ଡିଆଇ ଅଫିସ ମଧ୍ୟରେ ଯାଇଥିବା ମୁଖ୍ୟ ନାଳ ଉଭୟ ପାର୍ଶ୍ୱରେ ଲୋକେ ମାଟି ପକାଇ ଘର କରିଦେଲେଣି। ଫଳରେ ନାଳ ଏବେ ସଂକୁଚିତ ହୋଇ ଡ୍ରେନ ଭଳି ଦେଖାଗଲାଣି। ସେହିଭଳି ରାଜାଙ୍କ ଦୁର୍ଗର ସୁରକ୍ଷା ଏବଂ ଜଳ ନିଷ୍କାସନ ପାଇଁ ସମଲେଇ ମନ୍ଦିର ନିକଟରେ ଥିବା ଖାଇ ଏବେ ଇତିହାସ ହୋଇ ଗଲାଣି। ଏହି ନାଳ ଉପରେ ଏବେ ବଡ ବଡ ଘର ଠିଆ ହୋଇଛି। ସେହିପରି ବିସାଗର ଏବଂ ବିସାଗରରୁ ଯେଉଁ ନାଳ ଦ୍ୱାରା ପୂର୍ବରୁ ବର୍ଷା ଜଳ ନିଷ୍କାସନ ହେଉଥିଲା, ଏବେ ସେଠାରେ ଦୋକାନ ବଜାର ଗଢି ଉଠିଲାଣି। ବଡବଜାର ଅଞ୍ଚଳରେ ଥିବା ବହୁ ପ୍ରାକୃତିକ ନାଳ ଏବଂ ପୋଖରୀ ଏବେ ସତ୍ତା ହରାଇବାକୁ ବସିଲାଣି। ଜବରଦଖଲକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଭବିଷ୍ୟତରେ ଆହୁରି ସମସ୍ୟା ଦେଖା ଦେଇପାରେ ବୋଲି ଆଶଙ୍କା ଦେଖାଦେଇଛି।



## ବୌଦ୍ଧ ମହୋତ୍ସବ ପାଇଁ ଉଦ୍‌ଘୋଷକ ଚୟନ ପ୍ରକ୍ରିୟା ଶେଷ



**ବୌଦ୍ଧ, ୧୯ ।୧୨(ସମିସ):** ବୌଦ୍ଧ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା-୨୦୨୫ ନିମନ୍ତେ ଉଦ୍‌ଘୋଷକ/ଉଦ୍‌ଘୋଷିକାମାନଙ୍କ ଚୟନ ପ୍ରକ୍ରିୟା ସମାପ୍ତ ହୋଇଯାଇଛି। ଜିଲ୍ଲା ସଂଗ୍ରହାଳୟରେ ବୌଦ୍ଧ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ହାଡିବନ୍ଧୁ ମହାକୁଡଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ ଚୟନ ପ୍ରକ୍ରିୟାରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ନିଜର ସଂଯୋଜନା ଶୈଳୀ ପ୍ରଦର୍ଶନ କରିଥିଲେ। ଚୟନ ପ୍ରକ୍ରିୟାରେ କଳାକାର ବିଶ୍ୱଜିତ ସାହୁ, ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ, ସିଆରସି ସି ସତ୍ୟନାରାୟଣ ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ଆବାହକ ଭାବେ ସାମ୍ବାଦିକ ସୀତାକାନ୍ତ ସିଂହ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର ଜାନୀ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ତତ୍ତ୍ୱାବଧାନରେ ଏହି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାପାଳଙ୍କ ଧାନମଣ୍ଡି ପରିଦର୍ଶନ

**ବୌଦ୍ଧ, ୧୯ ।୧୨(ସମିସ):** ଡିସେମ୍ବର ୨୪ରେ ଖୁଣ୍ଟବନ୍ଧ ଏବଂ ବୀରନରସିଂହପୁରରେ ଚଳିତ ବର୍ଷର ଖରିଫ ଧାନକ୍ରୟ ଆରମ୍ଭ ହେବ। ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଏହି ଦୁଇ ମଣ୍ଡି ପରିଦର୍ଶନ କରିଛନ୍ତି। ଉଭୟ ମଣ୍ଡି ପରିଦର୍ଶନ କରି ସେଠାକାର ସ୍ଥିତି ପରଖିଛନ୍ତି। ସେଠାରେ ଚାଷୀଙ୍କ ପାଇଁ ସେଡ୍, ପାନୀୟ ଜଳ, ଅସ୍ଥାୟୀ ପରିସ୍ରାଗାର ସୁବିଧା କରିବା ପାଇଁ ମଣ୍ଡି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବଡ଼ ମଣ୍ଡିରେ ସ୍ୱାସ୍ଥ୍ୟ ଶିବିର କରିବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ମଣ୍ଡିରେ ଚାଷୀଙ୍କ ସୁବିଧା ପ୍ରତି ଦୃଷ୍ଟି ଦେବା ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଦହ୍ୟା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍ୟାପିତ



**ମନମୁଣ୍ଡା, ୧୯ ।୧୨(ସମିସ):** ବୌଦ୍ଧ ଜିଲ୍ଲା ବୌଦ୍ଧ ବ୍ଲକ ଅନ୍ତର୍ଗତ ପିଏମ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଦହ୍ୟାରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ୨୦୨୪-୨୫ ଉଦ୍ୟାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ଅଧକ୍ଷତା କରିଥିଲେ। କ୍ରୀଡା ଶିକ୍ଷକ ରମେଶ ରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ମେହେର ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଖଗେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳର ଉପକାରିତା ସଂପର୍କରେ ଉପଦେଶ ପ୍ରଦାନ କରିଥିଲେ। ୩୫ଟି ଇଭେଣ୍ଟରେ ୩ ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କନିଷ୍ଠରେ ସପ୍ତମ ଶ୍ରେଣୀ ଛାତ୍ରୀ ସିରିସା ସିଂହ ଓ ବରିଷ୍ଠରେ ଦଶମ ଶ୍ରେଣୀ ଛାତ୍ର ରମାକାନ୍ତ ମହଲିକ ଚାମ୍ପିଅନ ହୋଇଥିଲେ। ଶିକ୍ଷକ ହେମକାନ୍ତ ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଓଷ୍ଟା ଶିଶୁ ଉତ୍ସବରେ ପ୍ରତିଭା ଦେଖାଇଲେ ଛାତ୍ରଛାତ୍ରୀ





ବୌଦ୍ଧ, ୧୯ ।୧୨(ସମିସ)

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ବୌଦ୍ଧ ଜିଲ୍ଲା ଶାଖା ତରଫରୁ ଜିଲ୍ଲ ସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଓଷ୍ଟା ଜିଲ୍ଲା ସଭାପତି ପିତବାସ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ମୁଖ୍ୟ ଅତିଥି, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ନାଥ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁବାଷ ପ୍ରଧାନ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଓଷ୍ଟା ପ୍ରାକ୍ତନ ଜିଲ୍ଲା ସଭାପତି ନିରୋଦ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ନବ କିଶୋର ଦୀପ, ସଂପାଦକ ତୃପ୍ତି ରଞ୍ଜନ ଦାନୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ତର୍କ, କଣ୍ଠ ସଙ୍ଗୀତ, ଗଳ୍ପ ଲିଖନ, କବିତା ରଚନା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କୁଇଜ୍, କବିତା ଆବୃତ୍ତି, ଏକକ ଅଭିନୟ, ଏକକ ନୃତ୍ୟ ଆଦି ୧୦ଟି ପ୍ରତିଯୋଗିତାରେ ବୌଦ୍ଧ ଜିଲ୍ଲାର କଣ୍ଟାମାଳ, ହରଭଙ୍ଗା, ବୌଦ୍ଧ ବ୍ଲକସ୍ତରରୁ ଚୟନ ହୋଇ ଆସିଥିବା ଶ୍ରେଷ୍ଠ କୃତି ପ୍ରତିଯୋଗୀଙ୍କୁ ନେଇ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍ୟାପନୀ ଉତ୍ସବରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା ମୁଖ୍ୟ ଅତିଥି, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଖିଳ ପ୍ରଧାନ ଓ ଲୁଣିବାହଲ ପଞ୍ଚାୟତ ସରପଞ୍ଚ ଚନ୍ଦ୍ରମା ପ୍ରଧାନ ଓ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁବାଷ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲାର ୨୨ଟି ଉଚ୍ଚ ବିଦ୍ୟାଳୟରୁ ଚୟନ ହୋଇଥିବା କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୧୦ ଜଣ ବିଜେତା ୨୮ରୁ ୩୦ ପର୍ଯ୍ୟନ୍ତ କଟକରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି।

**ବୀରମହାରାଜପୁର:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ବୀରମହାରାଜପୁର ଉପକଣ୍ଠ ଭଙ୍ଗା ମୁଣ୍ଡାଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପଙ୍କଜ ଖମାରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଓଷ୍ଟାର ସଭାପତି ଅଖୋଜ ପଧାନ, ପୂର୍ବତନ ସଂପାଦକ ତ୍ରିପୁରାରୀ ରଥ, ପୂର୍ବତନ ଶିକ୍ଷା ନିରୀକ୍ଷକ ଲକ୍ଷ୍ମଣ ଖମାରୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଉଦ୍‌ବୋଧନ୍ ଦେଇଥିଲେ। ଉଦ୍ୟାପନୀ ସମାରୋହରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସପ୍ତଦୀପା ସାହିତ୍ୟ ସଂସଦର ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡା ମୁଖ୍ୟ ବକ୍ତା ଭାବରେ ଏବଂ ସମ୍ମାନିତ ଅତିଥି ଭାବେ ସାଂସଦ ନୋମିନି ନଳିନୀ ପଣ୍ଡା, ବୀରମହାରାଜପୁର ଓଷ୍ଟା ସଂପାଦକ ବ୍ରଜମୋହନ ବାରିକ୍, ଓଷ୍ଟା ଜିଲ୍ଲା ସଂପାଦକ ସୁଶୀଳ ବିଶି, ଓଷ୍ଟା ବିନିକା ସଂପାଦକ ବନପାଳ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଉଲୁଣ୍ଡା ବ୍ଲକ ସଂପାଦକ ପ୍ରହଲ୍ଲାଦ ସାହୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ଯୁଧିଷ୍ଠିର ଖମାରୀ ସଭା ସଂଯୋଜନା କରିଥିଲାବେଳେ ଶିକ୍ଷକ ରଣ ମୋହନ୍ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବେସରକାରୀ ଜମିରେ ଧାନମଣ୍ଡି

**ନୂଆପଡ଼ା,୧୯ ।୧୨(ସମିସ)**



କିଛି ଦିନ ତଳେ ଗୁଗଲ ଫଲୋ କରି କିଛି ଗାଡ଼ି ଚାଳକ ଏକ ଗର୍ତ୍ତରେ ଫସିଯାଇଥିବା ଖବର ସାରା ଦେଶରେ ଚହଳ ପକାଇ ଦେଇଥିବା ବେଳେ ଜମି ଜମା ଚିହ୍ନଟ ପ୍ରକ୍ରିୟାରେ ସରକାରୀ ଏବଂ ବେସରକାରୀସ୍ତରରେ ଭୁଲେଖ/କେୱାଇଏଫଏଲ( ନୋ ୟୋର ଫରେଷ୍ଟ ଲୋକେସନ) ଭଳି ଆପ୍ଲିକେସନ ପଞ୍ଚାୟତବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ନୂଆପଡା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ କୁଲିଆବନ୍ଧା ଗାଁରେ ନିର୍ମାଣ ହୋଇଥିବା ଏକ ମଣ୍ଡି କମ୍ପ୍ଲେକ୍ସ ନିର୍ମାଣକୁ ନେଇ ବିବାଦ ପଦାକୁ ଆସିଛି। ଜଣେ ଚାଷୀ ନିଜର ଦଖଲଭୁକ୍ତ ଜମିରେ ମଣ୍ଡି ନିର୍ମାଣ କରିଥିବାରୁ ତାଙ୍କୁ କ୍ଷତିପୂରଣ ଦିଆଯାଉ ନଚେତ ସେ ମଣ୍ଡିକୁ ବନ୍ଦ କରିଦେବେ ବୋଲି ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ଭୁଲେଖ/କେୱାଇଏଫଏଲରେ ସର୍ଚ୍ଚ କଲେ ଏହା ବେସରକାରୀ ମାଲିକାନା ଦେଖାଉଥିବା ବେଳେ ସରକାରୀସ୍ତରରେ ରାଜସ୍ୱ ବିଭାଗ ଏହା ସରକାରୀ ଜମି ବୋଲି ଦାବି କରୁଛି। ଏହାର ସତ୍ୟାସତ୍ୟ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ ଆଜିକୁ ତିନି ବର୍ଷ ତଳେ ନିୟନ୍ତ୍ରିତ ବଜାର କମିଟୀ (ଆରଏମସି) ଦ୍ୱାରା କୁଲିଆବନ୍ଧା ଗ୍ରାମ ପଞ୍ଚାୟତ ସଦର ଗାଁରେ ୨୬ଲକ୍ଷ ୨୦ ହଜାର ୮୦୩ଟଙ୍କା ବ୍ୟୟରେ ମଣ୍ଡି ଗୃହ ନିର୍ମାଣ କରାଯାଇଥିଲା। ସେତେବେଳେ ଏହି ଜମିରେ ନିଜକୁ ଏହି ଜମିର ମାଲିକ ବୋଲି ଦାବି କରୁଥିବା ପାର୍ବତୀ ଶବର ନାମ୍ନୀ ଜନୈକା ମହିଳା କାମ ବନ୍ଦ କରିବାକୁ କହିଥିଲେ। ସେ କହିବାନୁଯାୟୀ ବାରମ୍ବାର ଦାବି କରିବାରୁ ପ୍ରଶାସନ ତରଫରୁ ପୁଲିସର ନାଲି ଆଖି ଦେଖାଇ କାମ କରାଯାଇଥିଲା। ଗୁରୁବାର ଦିନ ମଣ୍ଡି ଚାଲିଥିବା ସମୟରେ ମହିଳା ଜଣକ ପୁଣି ଥରେ ଆସି ମଣ୍ଡି ବନ୍ଦ କରିବାକୁ କହିଥିଲେ।ମୋ ଜମିରେ ଘର କରାଯାଇଛି। ମୋତେ କ୍ଷତିପୂରଣ ଦେବାକୁ କହି ଭଣ୍ଡା ଯାଇଛି। ଏହା ନକଲେ ଆଗାମୀ ଦିନରେ ମଣ୍ଡି ବନ୍ଦ କରିଦେବେ ବୋଲି ଚେତାବନୀ ଦେଇଥିଲେ। ଠିକ ଏତିକିବେଳେ ମଣ୍ଡିରେ ଥିବା ଚାଷୀମାନେ ଭୁଲେଖ/କେୱାଇଏଫଏଲ ଭଳି ଆପ୍ଲିକେସନ ଜରିଆରେ ଜମିର ମାଲିକାନା ସର୍ଚ୍ଚକରିବାରେ ଖାତା ନମ୍ବର ୯୮, ୫୬୭ନମ୍ବର ପ୍ଲଟ୍‌ରେ ପାର୍ବତୀଙ୍କ ଶ୍ୱଶୁର ଦିଆଲୁ ଶବରଙ୍କ ନାମରେ ୧ଏକର ୧୮ଡେସିମିଲ ଜମି ଦର୍ଶାଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପ୍ରତିନିଧି ଘଟଣାସ୍ଥଳରେ ପହଁଞ୍ଚି ସ୍ଥାନୀୟ ଲୋକଙ୍କ ମତାମତ ନେବାରୁ ଏହି ପରିବାର ଲୋକ ଦୀର୍ଘ ୪୦/୫୦ ବର୍ଷ ଧରି ଏହି ଜମିକୁ ଚାଷ କରିଆସୁଥିଲେ।

ଏହା ଉପରେ ଆର୍‌ଏମସି ସଂପାଦକ ଆର୍ଯ୍ୟକୁମାର ମୁଦୁଲିଙ୍କୁ ଫୋନ ଯୋଗେ ପଚାରିବାରୁ ଏହା ସରକାରୀ ଜମି ବୋଲି ରାଜସ୍ୱ ବିଭାଗ ଚିହ୍ନଟ କରିବା ପରେ ହିଁ ଏହି ଘର ନିର୍ମାଣ କରାଯାଇଥିଲା। ଭୁଲେଖର ବିବରଣୀକୁ ସେ ଖଣ୍ଡନ କରିଛନ୍ତି। ଜିଲ୍ଲାପାଳ ହସ୍ତକ୍ଷେପ କରି ପୁନଃ ଜମି ଚିହ୍ନଟ କରି ଚାଷୀଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଦୁଇ ଭାଇଙ୍କ ଟାଙ୍ଗିଆ ଚୋଟରେ ଯୁବକ ମୃତ

**ଥୁଆମୂଳ ରାମପୁର,୧୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ସିନ୍ଧିପଦର ଟେଭାକଲମ ଗାଁରେ ଜଣେ ଯୁବକଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଉଛନ୍ତି ଉକ୍ତ ଗ୍ରାମର ସୁନାଧର ମାଝୀଙ୍କ ପୁଅ ପାନି ମାଝୀ (୪୫)। ବୁଧବାର ରାତିରେ ସେ ଶୋଇଥିବା ବେଳେ ଗ୍ରାମର କୁମୁଡା ମାଝୀଙ୍କ ଦୁଇ ପୁଅ ଲକ୍ଷ୍ମୀଧର ମାଝୀ ଏବଂ ସାରଥୀ ମାଝୀ ପାନିଙ୍କ ଘର ପାଖରେ ଗାଳି ଗୁଲଜ କରିଥିଲେ। ଏଥିରେ ପାନୀ ଉତ୍ତ୍ୟକ୍ତ ହୋଇ ଘରୁ ବାହାରି ଥିଲେ। ଏହି ସମୟରେ ଦୁଇ ଭାଇ ଲକ୍ଷ୍ମୀଧର ଏବଂ ସାରଥୀ ପାନିଙ୍କୁ ଘର ନିକଟରୁ କିଛି ଦୂର ଟାଣି ନେଇ ଟାଙ୍ଗିଆରେ ନୃଶଂସ ଭାବେ ହତ୍ୟା କରି ଚାଲିଯାଇଥିଲେ। ଗୁରୁବାର ସକାଳେ ପାନୀଙ୍କ ସ୍ତ୍ରୀ କୁନି ମାଝୀ ଏ ନେଇ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ସାଇଣ୍ଟିଫିକ୍ ଟିମ୍ ସହିତ ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ ଏବଂ ସବ୍ ଇନ୍ସପେକ୍ଟର ରଶ୍ମିରଞ୍ଜନ ବାଗ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ ହେବ। ପ୍ରାଥମିକ ତଦନ୍ତ ରିପୋର୍ଟ ଅନୁସାରେ ଜମିବାଡ଼ି କଳହ ନେଇ ଏଭଳି ହତ୍ୟାକାଣ୍ଡ ଘଟିଛି ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ପାନିଙ୍କ ବାପା ସୁନାଧର ମାଝୀ ଏବଂ ଦୁଇ ଅଭିଯୁକ୍ତ ଲକ୍ଷ୍ମୀଧର ଏବଂ ସାରଥୀଙ୍କ ବାପା କୁମୁଡା ମାଝୀ ଦୁଇ ଭାଇ।

## ଲାଞ୍ଚ ନେବା ମାମଲାରେ ପୂର୍ବତନ ତହସିଲଦାରଙ୍କୁ ଜେଲ୍

**ସୋନପୁର,୧୯।୧୨(ସମିସ):** ୨୦୨୦ରେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଥିବା ମାମଲାରେ ସୁବର୍ଣ୍ଣପୁର ଜିଲ୍ଲା ତରଭାର ପୂର୍ବତନ ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର ସୁବ୍ରତ ବେହେରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ବିରୋଧରେ ବଲାଙ୍ଗିର ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତି ୩ ବର୍ଷର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୩୦ ହଜାର ଟଙ୍କାର ଜରିମାନା ପାଇଁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେଲ୍‌ଡିଡ୍ ପଞ୍ଜୀକରଣ ପାଇଁ ୨୦୨୦ ମସିହାରେ ତତ୍କାଳୀନ ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ତରଭା ବ୍ଲକ୍ ଶିବତୁଲା ପଞ୍ଚାୟତ ଘାଟକଇଁତରା ନିବାସୀ କାହ୍ନୁଚରଣ ଦାଶ ତାଙ୍କର ଅନ୍ତର୍ଡା ମୌଜାରେ ଥିବା କିଛି ଜମି ବିକ୍ରି କରିଥିଲେ। ଏହାର ରେଜିଷ୍ଟ୍ରି କରିବାକୁ ସୁବ୍ରତ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କାହ୍ନୁ ତହସିଲଦାରଙ୍କ ବିରୋଧରେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ୧୬ ନଭେମ୍ବର ୨୦୨୦ ରାତି ୮ଟା ୧୫ରେ ତହସିଲଦାରଙ୍କ ସରକାରୀ ବାସଭବନରେ ରସାୟନ ବୋଳା ୪୦ଟି ୫୦୦ ଟଙ୍କିଆ ନୋଟ୍ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ସମ୍ବଲପୁର ଭିଜିଲାନ୍ସର ପୂର୍ବତନ ଡିଏସ୍‌ପି ସଦାନନ୍ଦ ପାଣି ମାମଲାର ତଦନ୍ତ କରିଥିବା ବେଳେ ବଲାଙ୍ଗିର ଭିଜିଲାନ୍ସର ସ୍ୱତନ୍ତ୍ର ଓକିଲ ଜୟକୃଷ୍ଣ ସାହୁ ମାମଲା ପରିଚାଳନା କରିଥିଲେ। ସୁବ୍ରତଙ୍କୁ ଚାକିରିରୁ ବହିଷ୍କାର ପାଇଁ ଉପରୋକ୍ତ ଅଧିକାରୀଙ୍କ ନିକଟରେ ଆବେଦନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ତାମିଲନାଡୁରେ ଦାଦନ ଶ୍ରମିକଙ୍କୁ ହତ୍ୟା

**ସୋନପୁର/ତରଭା,୧୯ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ପୁଆ ଗାଁର ଧ୍ରୁବଳେଶ୍ୱର ସେଠ ନାମକ ଜଣେ ଯୁବକ ହତ୍ୟାର ଶିକାର ହୋଇଛନ୍ତି। ସେ ତାମିଲନାଡୁର ଭେପଡ଼ାଇସ୍ଥିତ ରାଜଗୁରୁ ଟେକ୍ସଟାଇଲ ନାମକ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୧୭ ତାରିଖରେ କେହି ଧ୍ରୁବଳେଶ୍ୱରଙ୍କୁ ହତ୍ୟା କରିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। କିଏ, କାହିଁକି ଧ୍ରୁବଳେଶ୍ୱରଙ୍କୁ ହତ୍ୟା କଲା ଆମେ ଜାଣି ପାରୁନାହିଁ। ଘଟଣାର ଉପଯୁକ୍ତ ତଦନ୍ତ କରି ହତ୍ୟାକାରୀକୁ ଧରିବା ପାଇଁ ପରିବାର ଲୋକେ ସ୍ଥାନୀୟ ପୁଲିସ ନିକଟରେ ଦାବି କରିଛନ୍ତି। ଅନ୍ୟପଟେ ମୃତଦେହର ବ୍ୟବଚ୍ଛେଦ ସରିଥିଲେ ମଧ୍ୟ ଆର୍ଥିକ ଅନାଟନ ଯୋଗୁଁ ପରିବାର ଲୋକେ ଆଣିପାରୁ ନାହାନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ଆସି ତାମିଲନାଡୁରୁ ମୃତଦେହ ଆଣିବା ପାଇଁ ଅନୁରୋଧ କରିଛନ୍ତି। ତେବେ ମୃତଦେହ ଆଣିବା ପାଇଁ ଆମେ ପଦକ୍ଷେପ ନେଇଛୁ ବୋଲି ଡିଭିଜନାଲ ଲେବର କମିଶନର ଦିଲେଶ୍ୱର ଖାଖା କହିଛନ୍ତି। କମ୍ପାନୀ ଅଧିକାରୀଙ୍କ ସହ କଥା ହୋଇଛୁ, ଶୁକ୍ରବାର ସକାଳେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ମୃତଦେହ ପଠାଇବା ପାଇଁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସେ କହିଛନ୍ତି।

## ନବନିର୍ମାଣ କୃଷକ ସଂଗଠନର ବୈଠକ

**ବୀରମହାରାଜପୁର,୧୯ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଦୁର୍ଜନ ତୈଲାରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ପଞ୍ଚାୟତ ପ୍ରାଙ୍ଗଣରେ ଧାନ କିଣା ପୂର୍ବରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଉପସଭାପତି ସୋନାଲି ବିଶି ଯୋଗ ଦେଇ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ପଞ୍ଚାୟତର ସମସ୍ତ ଗ୍ରାମର ଚାଷୀ ପ୍ରତିନିଧି ଯୋଗ ଦେଇ ନିଜ ନିଜ ଗାଁରେ ଥିବା ଚାଷୀ ସମସ୍ୟା ଯଥା ହାତୀ ଉପଦ୍ରବ, ବାର୍‌ହା ଆତଙ୍କ, ମାଙ୍କଡ ଉପଦ୍ରବ, ଜଳସେଚନ ସମସ୍ୟା, ଧାନ ଶୁଖାଇବା ପାଇଁ ଖଳାର ସମସ୍ୟା ଆଦି ସଂଗଠନକୁ ଅବଗତ କରାଇଥିଲେ।

ସ୍ୱାସ୍ଥ୍ୟଗତ ସମସ୍ୟା ଭାବେ କିଡ୍‌ନୀ ରୋଗ ବହୁଳ ଭାବେ ବ୍ୟାପୁଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ବିଗତ ବର୍ଷ ଗୁଡ଼ିକରେ ପେକ୍ସରେ ହୋଇଥିବା ଚାଷୀ ସମସ୍ୟା ଉପରେ ମନ୍ତବ୍ୟ ଦେଇଥିଲେ ଚାଷୀ। ଧାନର ସୁରକ୍ଷା ପାଇଁ ଟାର୍ପୋଲିନ୍ ନ ଦେବା, ସାର କିଣିଲେ ରସିଦ୍ ନ ମିଳିବା ଆଦି ଅଭିଯୋଗ ଅଣାଯାଇଥିଲା। ପାକ୍ସ ସମ୍ପାଦକ ଏ ସବୁ ଅସୁବିଧା ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୋନାଲି ବିଶି ମଣ୍ଡିରେ ହେଉଥିବା ଅନ୍ୟାୟ ବିରୋଧରେ ସ୍ୱର ଉଠେଇବା ଓ ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଚାଷୀଙ୍କ ପ୍ରାଇସ, ପ୍ରେଷ୍ଟିଜ୍ ଓ ପେନସନ ପାଇଁ ନବନିର୍ମାଣ କୃଷକ ସଂଗଠନ ସବୁବେଳେ ଚେଷ୍ଟିତ ରହିବ ବୋଲି ସେ କହିଥିଲେ। ଜିଲ୍ଲା ସଭାପତି ଶ୍ରୀ ପାଢ଼ୀ ପଞ୍ଚାୟତରୁ ଆରମ୍ଭ କରି ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ସବୁଠି ସଂଗଠନ ମାଧ୍ୟମରେ ଦୁର୍ନୀତିର ମୁକାବିଲା କରାଯିବ ବୋଲି କହିଥିଲେ। ସଂଗଠନ ମାଧ୍ୟମରେ ନିଜର ଭୂମିକା ନିର୍ଣ୍ଣୟ କରିବା ପାଇଁ ସେ ଚାଷୀଙ୍କୁ ଆହ୍ୱାନ କରିଥିଲେ। ଶୀଘ୍ର ମଣ୍ଡି ଖୋଲିବା, ସୁରୁଖୁରୁରେ ବିନା କଟନି ଛଟନି ରେ ଧାନ କିଣା ହେବା, ଆନାଲାଇଜର ମେସିନ୍‌ର ଠକାମୀ ବନ୍ଦ କରିବା, ଏଫ୍‌ସିଡବ୍ଲ୍ୟୁ ସାଇଟ୍‌ରେ ଚାଷୀ ଡାଟାକୁ ସାର୍ବଜନୀନ କରିବା, ଶୀଘ୍ର ପେକ୍ସ ଭିତ୍ତିଭୂମି, ସେଡ୍ ଆଦିର ନିର୍ମାଣ ଓ ଅଞ୍ଚଳରେ କିଡନୀ ଡାଇଲିସିସ କେନ୍ଦ୍ର ସ୍ଥାପନ ଆଦି ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା।

## ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ଭବାନୀପାଟଣା,୧୯ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇନ୍ଦ୍ରାବତୀ ଛାତ୍ରୀ ନିବାସରୁ ଗୁରୁବାର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ଏହି ଛାତ୍ରୀ ଜଣକ ହେଲେ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ବିରିକୋଟ ଗ୍ରାମର ରାମଚନ୍ଦ୍ର ନାଏକଙ୍କ ଝିଅ ତୋଫାଲି



ନାଏକ। ସେ ଯୁକ୍ତ ଦୁଇ ବାଣିଜ୍ୟ ଛାତ୍ରୀ ଥିଲେ। ଇନ୍ଦ୍ରାବତୀ ଛାତ୍ରୀ ନିବାସର ଉପର ମହଲା ଗାଧୁଆ ଘରେ ସେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୁଲିସ ପହଞ୍ଚିଥିଲା। ମୃତ ଛାତ୍ରୀଙ୍କ ବାପା ଓ ପରିବାର ସଦସ୍ୟ ମଧ୍ୟ ଖବର ପାଇବା କ୍ଷଣି ପହଞ୍ଚିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶବ ଜବତ କରାଯାଇଥିଲା। ରାମଚନ୍ଦ୍ରଙ୍କ ସହ ତୋଫାଲି ବୁଧବାର ସନ୍ଧ୍ୟାରେ ଫୋନ କରି କଥା ହୋଇଥିଲେ। ସାମାନ୍ୟ ବ୍ୟସ୍ତ ବିବ୍ରତ କାରଣରୁ ଉଦାସ ଥିଲେ ବୋଲି ମଧ୍ୟ ସେ କହିଛନ୍ତି। ତେବେ ମୃତ୍ୟୁର ଅସଲ କାରଣ ସ୍ପଷ୍ଟ ହୋଇନାହିଁ। ପୁଲିସ ଆତ୍ମହତ୍ୟା କହୁଛି; କିନ୍ତୁ ପରିବାର ଲୋକ ହତ୍ୟା ବୋଲି କହୁଛନ୍ତି। ସାଇଣ୍ଟିଫିକ ଦଳ ଓ ଡଗ୍ ସ୍କ୍ୱାଡ୍ ମାଧ୍ୟମରେ ପୁଲିସ ଟିକିନିଖି ତଦନ୍ତ କରିଛି। ଅନ୍ୟ ଛାତ୍ରୀଙ୍କ ଦ୍ୱାରା କିଛି ମାନସିକ ଚାପ ପଡୁଥିଲା ନା ଆଉ କିଛି ଏହି ମୃତ୍ୟୁ ପଛର କାରଣ ତାହା ପୁଲିସ ତଦନ୍ତରୁ ହିଁ ଜଣାପଡିବ। ଗୁରୁବାର ସନ୍ଧ୍ୟାରେ କୁଳପତି ନିବେଦିତା ନାଥଙ୍କ ଉପସ୍ଥିତିରେ ଛାତ୍ରୀ ନିବାସରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା।

## ମନ୍ତ୍ରୀଙ୍କୁ ଜୁନାଗଡ଼ ସଚେତନ ନାଗରିକ କମିଟିର ଦାବିପତ୍ର



**ଜୁନାଗଡ,୧୯ ।୧୨(ସମିସ):** ଜୁନାଗଡ ସଚେତନ ନାଗରିକ କମିଟି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଗୁରୁବାର ଜୁନାଗଡ ସହରସ୍ଥିତ ଆର୍‌ଏମ୍‌ସି ପ୍ରାଙ୍ଗଣରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛି। ଜୁନାଗଡ ଡାକ୍ତରଖାନାରେ ଖାଲିଥିବା ସମସ୍ତ ଡାକ୍ତର ପଦବୀ ପୂରଣ ସହ ଜୁନାଗଡ ଡାକ୍ତରଖାନାକୁ ସବ୍‌ଡିଭିଜନାଲ ବା ଏରିଆ ହସ୍ପିଟାଲ ମାନ୍ୟତା ଦେବା, ରକ୍ତ ଭଣ୍ଡାର ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଜୁନାଗଡ ସଚେତନତ ନାଗରିକ ମଞ୍ଚର ପ୍ରଭାତ ଦାସ, ସନ୍ତୋଷ ସିଂହଦେଓ, ଦାମ ବେହେରା, କୁମ୍ବଲେ ପାଣିଗ୍ରାହୀ, ରଶ୍ମି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ ରାସ୍ତାରୁ ସ୍ଥାନାନ୍ତର

**ସୋନପୁର,୧୯ ।୧୨(ସମିସ):** ସୋନପୁର ସହରର ପଟାଭାଡି କୋଶଳ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ମାରୁତି ନଗର ନିକଟରେ ଏକ ଗଳି ରାସ୍ତାର ମଧ୍ୟ ଭାଗରେ ଏକ ବିଦ୍ୟୁତ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା। ମଝି ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ଯୋଗୁଁ ଆବଶ୍ୟକ ସ୍ଥାନ ଅଭାବରୁ ରାସ୍ତାରେ ଚାରିଚକିଆ ଯାନ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଅନେକ ସମୟରେ ବାଇକ୍ ଓ ସାଇକଲ ଆରୋହୀ ଦୁର୍ଘଟଣାର ଶିକାର ହେଉଥିଲେ। ସ୍ଥାନୀୟ ଅଧିବାସୀମାନେ ଯେତେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିଲେ। ଏହି ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟକୁ ନେଇ ଡିସେମ୍ବର ୧୧ରେ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଉକ୍ତ ଖବରକୁ ସାମାଜିକ କର୍ମୀ ସର୍ଜନ ପାଣ୍ଡେ, ରମେଶ ମେହେର ପ୍ରମୁଖ ଟ୍ୱିଟ କରିବା ସହ ଓଡ଼ିଶା ସରକାରଙ୍କ ଜନଶୁଣାଣି ପୋର୍ଟାଲ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଉକ୍ତ ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ମାରୁତି ନଗରର ଏକ ଦୀର୍ଘ ଦିନର ସମସ୍ୟାର ସମାଧାନ ହୋଇଥିବାରୁ ମାରୁତି ନଗରବାସୀ 'ସକାଳ'କୁ ସାଧୁବାଦ ଜଣାଇଛନ୍ତି।

**'ସକାଳ' ପ୍ରଭାବ**

## ଆସିଲେନି ମନ୍ତ୍ରୀ: ଚାଷୀ ଓ ଦଳୀୟ କର୍ମୀ ହତାଶ

**ଧର୍ମଗଡ଼,୧୯ ।୧୨(ସମିସ):** ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆସିଲେନି। ଏଣୁ ତାଙ୍କୁ ଅପେକ୍ଷା କରି ରହିଥିବା ଚାଷୀ ଓ ଦଳୀୟ କର୍ମୀ ହତାଶ ହୋଇଛନ୍ତି। ଗୁରୁବାର ମନ୍ତ୍ରୀ ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡି ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ଖବର ପାଇ ଅଞ୍ଚଳର ଚାଷୀ ଓ ଦଳୀୟ କର୍ମୀଙ୍କ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା। ଘୋଟିଆରେ ମଣ୍ଡି ଆରମ୍ଭରୁ କଟନି ଛଟନି ସମସ୍ୟା ଲାଗି ରହିଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଲାଗିରହିଛି। ମନ୍ତ୍ରୀ ଆସିଲେ ଚାଷୀ ଦୁଃଖ ଓ ଗୁହାରୀ ଜଣାଇବା ପାଇଁ ଆଶା ରଖିଥିଲେ; ହେଲେ ନିରାଶ ହୋଇଛନ୍ତି। ଅନ୍ୟପଟେ ଗୋଲାମୁଣ୍ଡା ବ୍ଲକ ଦଶପୁର, ଫରଙ୍ଗ, ଚିଚିଆ, ବୃନ୍ଦାବାହାଲ, ଖମାରହଳଦୀ, ଧାମନପୁର ପଞ୍ଚାୟତ ରୁ ଆସିଥିବା ଶତାଧିକ ଦଳୀୟ କର୍ମୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଚେଇଁ ରହିଥିଲେ। ମନ୍ତ୍ରୀ କାର୍ଯ୍ୟକ୍ରମରେ ଯୋଗ ନ ଦେବା ହେତୁ ଅନେକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ମନ୍ଦିର ସମ୍ମୁଖ କଲ୍ୟାଣ ମଣ୍ଡପରେ ଏକ ଦଳୀୟ କାର୍ଯ୍ୟକ୍ରମ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିଲା। ଦୀର୍ଘ ୨ଘଣ୍ଟା ଅପେକ୍ଷା ପରେ ମଧ୍ୟ ମନ୍ତ୍ରୀ ନ ଆସିବାରୁ ସେଠାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

**ଧର୍ମଗଡ଼,୧୯ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା ଶରଧାପୁର ନିକଟରେ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁ ମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ଜୁନାଗଡ଼ ଥାନା ଡୁମେରବାହାଲ ଗ୍ରାମର ତୁଷାର କାଣ୍ଡ (୨୫) ଏବଂ ଗୁରୁତର ଯୁବକ ଜଣକ ହେଲେ ଜୁନାଗଡ଼ ଥାନା ଖଇରଭାଡ଼ି ଗାଁର କ୍ଷୀରୋଦ ଘି।

● ଆକାଉଣ୍ଟରୁ ସାଇବର୍ ଠକ କାଟିନେଲା ୧.୭୮ ଲକ୍ଷ

## ଝାଡ଼ଖଣ୍ଡରୁ ଠକକୁ ଗିରଫ କଲା ପୁଲିସ

**ନୂଆପଡା,୧୯ ।୧୨(ସମିସ):** ନୂଆପଡା ଜିଲ୍ଲା ବୋଡ଼େନ ଥାନା ବରଗାଁର ଭବେଶ ମେହେରଙ୍କ ଆକାଉଣ୍ଟରୁ ଆମାଜନ କହି ସାଇବର ଠକ ୧ଲକ୍ଷ ୭୮ ହଜାର ଟଙ୍କା କାଟି ନେଇଥିଲା। ଏବେ ପୁଲିସ ଝାରଖଣ୍ଡ ରାଜ୍ୟ ଦେବଘର ଜିଲ୍ଲାରୁ ସାଇବର୍ ଠକ ଅଭିଜିତ ମେହେରାକୁ ଗିରଫ କରିଥିବା ସ୍ଥାନୀୟ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଜିଆର. ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଗତ ଡିସେମ୍ବର ୮ ରେ ବୋଡ଼େନ ଥାନା ବରଗାଁର ଭବେଶଙ୍କ ମୋବାଇଲକୁ ଇ-ସିମ ପାଇଁ ଏକ ମେସେଜ ଆସିଥିଲା। ଏହି ମେସେଜକୁ ଭବେଶ କ୍ଲିକ୍ କରିବାରୁ ଟଙ୍କା କଟିବା ଆରମ୍ଭ କରିଥିଲା। ଏଭଳି ଦୁଇ ଦିନରେ ୧୨ଟି କିସ୍ତିରେ ତାଙ୍କ ଆକାଉଣ୍ଟରୁ ୧ଲକ୍ଷ ୭୮ ହଜାର ଟଙ୍କା କଟିଯାଇଥିଲା। ପରେ ଭବେଶ ଜଣେ ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ନିଜ ବ୍ୟାଙ୍କ ଏକାଉଣ୍ଟକୁ ଫ୍ରିଜ୍ କରିଥିଲେ। କିନ୍ତୁ ସାଇବର୍ ଠକ ସବୁତକ ଟଙ୍କା କାଟି ନେଇଥିଲା। ଏହି ଟଙ୍କାକୁ ଆମାଜନ ଆପରେ ସାମଗ୍ରୀ କିଣି ସାରିଥିଲା। ଗତ ଡିସେମ୍ବର ୧୩ରେ ବୋଡେନ ଥାନାରେ ଭବେଶ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ନୂଆପଡା ଏସ୍‌ପି ଶ୍ରୀ ରାଘବେନ୍ଦ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରି ଛାନଭିନ୍ ଚଳାଇଥିଲେ। ପ୍ରଥମେ ଆମାଜନ ଆପରୁ ସାମଗ୍ରୀ କିଣା ହୋଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ଠିକଣା ବାହାର କରିଥିଲେ। ଏହି ତଥ୍ୟ ଆଧାରରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଝାରଖଣ୍ଡ ରାଜ୍ୟ ଦେବଘର ଜିଲ୍ଲାରେ ପହଞ୍ଚିଥିଲେ।ଦେବଘର ପୁଲିସ ଟିମ୍‌ର ସହାୟତାରେ ଦେବଘର ଜିଲ୍ଲା କୁଣ୍ଡା ଗାଁ ଥାନା ବେଜନ୍ତପୁର ଗାଁର ମିଥିଲେଶ କୁମାର ଦାସଙ୍କ ଘରେ ଚଢ଼ଉ କରିଥିଲେ। ସେଠାରୁ ଅଭିଜିତ ଫେରାର ହୋଇଥିଲେ। ପରେ ଦେବଘର ସହରରେ ପୁଲିସ ଚଢ଼ଉ କରି ଅଭିଜିତଙ୍କୁ ଗିରଫ କରିବା ସହ ୫ଟି ବ୍ୟାଙ୍କ ଆକାଉଣ୍ଟକୁ ଜବତ କରି ବ୍ୟାଙ୍କ ସହାୟତାରେ ଫ୍ରିଜ କରିଛି। ଏବେ ଅଭିଜିତଙ୍କ ଆକାଉଣ୍ଟରେ ପ୍ରାୟ ୨ଲକ୍ଷ ଟଙ୍କା ଜମା ରହିଛି। ଏହି ଜମା ଟଙ୍କାକୁ ବ୍ୟାଙ୍କ ସହାୟତାରେ ଉଠାଣ କରି ଠକେଇର ଶୀକାର ଯୁବକଙ୍କୁ ଦିଆଯିବ ଓ ଏଥିପାଇଁ ପ୍ରୋସେସ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଠକେଇ ଘଟଣାର କିଙ୍ଗପିନ ମିଥିଲେଶଙ୍କୁ ଧରିବାକୁ ପୁଲିସ ଛାନଭିନ ଜାରି ରଖିଥିବା ସାମ୍ବାଦିକ ସମ୍ମିଳନୀରେ ଏସପି ଶ୍ରୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ସାଇବର ଠକେଇ ଘଟଣାର ଅଭିଯୁକ୍ତ ଅଭିଜିତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା





**ନୂଆପଡା,୧୯ ।୧୨(ସମିସ)**

ନୂଆପଡା ସଦର ବ୍ଲକ୍ ଟୁଲାଭାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ଟୁଲାଭାଟ ସରପଞ୍ଚ ଚମ୍ପାବାଇ ଠାକୁର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଉର୍ବଶୀ ସାହୁ, କମିଟି ସଭାପତି ହେମନ୍ତ ମାଝୀ, ଉପ ସଭାପତି ବିରେଶ୍ୱରୀ ମାଝୀ, ଚମନ ଲାଲ ମାଝୀ ପ୍ରମୁଖ ଯୋଗଦେଇ କ୍ରୀଡ଼ା ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ତିନୋଟି ବର୍ଗରେ ବାଳକ ବାଳିକା ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସଚିନ ଭୁସାଗର, ମୋହିନୀ ସୁନା, ହୃଷୀକେଶ ଜଗତ,ଟିକେଲାଲ ମାଝୀ, ତ୍ରିଲୋଚନ ମାଝୀ, ମେଘନାଥ ଦଣ୍ଡସେନା, ଭୁବନ ଲାଲ କଣ୍ଡରା, ହୋମଲାଲ ମାଝୀ, ତୁଳସୀ ପ୍ରସାଦ ବେହେରା, ସସ୍ମିତା ବାଗ,ଜ୍ୟୋସ୍ନାମୟୀ ବିଶି, ଲୋଚନ କେଉଁଟ,ଜୟଦ୍ରଥ ରାଉତ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଘନଶ୍ୟାମ ଜାଲ କ୍ରୀଡ଼ା ପରିଚାଳନା କରିଥିଲେ।

**ସିନାପାଲି:** ସିନାପାଲି ବ୍ଲକ୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ମୀ ଓରାମ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବାବେଳେ ଗୋଷ୍ଠୀ ଶିକ୍ଷା



ଅଧିକାରୀ ଯତୀନ୍ଦ୍ର କୁମାର ସେଟ୍ ମୁଖ୍ୟବକ୍ତା, ଜିଲ୍ଲା ଓଷ୍ଟା ସମ୍ପାଦକ ରବୀନ୍ଦ୍ର ନାଥ ଯୋଷୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନିଲ ସାମଲ, ଗୋଡାଲ ଗ୍ରାପ ସରପଞ୍ଚ ମୀନା ଜଗତ, ସମିତି ସଭ୍ୟା ପଙ୍କଜିନୀ ବାଗ, ଗୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅରୁଣ କୁମାର ଯୋଷୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ରମେଶ ପଟେଲ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ରୂପ ସିଂ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ମନୋଜ ମଞ୍ଜରୀ ଲେଙ୍କା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଖିଳ ଚନ୍ଦ୍ର ପଟେଲ, ବୃନ୍ଦାବନ ଯୋଷୀ ପ୍ରମୁଖ କାର୍ଯ୍ୟରତ ଶିକ୍ଷକ ସହଯୋଗ କରିଥିଲେ।

ସିନାପାଲି ରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ କୁମ୍ଭକଟା ଓ ସମ୍ମାନିତ ଅତିଥି ଭାବରେ ବିଇଓ ଯତୀନ୍ଦ୍ର ସେଠ, ବରିଷ୍ଠ ଶିକ୍ଷକ ମନୋରଞ୍ଜନ ମେହେର, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ଖଗେଶ୍ୱର ମେହେର ଯୋଗ ଦେଇଥିଲେ। ଶିକ୍ଷକ ମହେଶ କୁମାର ମେହେର ପରିଚାଳନା କରିଥିଲେ।

**କୋମନା:** ନୂଆପଡା ଜିଲ୍ଲା କୋମନା ବ୍ଲକ୍ ଟିକ୍ରାପଡାସ୍ଥିତ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଡିଲୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଟିକ୍ରାପଡ଼ା କ୍ଲଷ୍ଟରର ସିଆରସିସି ଗୌରଚନ୍ଦ୍ର ରଣା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଟଂଜି ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନିଗମ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମନୋରଞ୍ଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷକ ଅମିତ ଦୁବେ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷକ ନଗେନ୍ଦ୍ର ନାଥ ପଣ୍ଡା, ମନୀଷା ମଞ୍ଜରୀ ଜଗତ,ରଜନୀ ଦୀପ, ଶୁକଦେବ ପ୍ରଧାନ, ଶ୍ରୀଧର ଦଣ୍ଡସେନା, ମମତାଞ୍ଜଳି ଶବର, ମଧୁସ୍ମିତା ଖମାରୀ, ଶିକ୍ଷକ ମିଥୁନ ଶାଗର ଦୁରିଆ, ମୋହନ ସାହୁ, ଶତ୍ରୁଘ୍ନ ସଗରିଆ, ଭବାନୀ ଶଙ୍କର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

କୋମନା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି।

ଅଧ୍ୟକ୍ଷ ଲାଲ୍ ଆଶୁତୋଷ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ବ୍ଲକ୍ ଅଧ୍ୟକ୍ଷା ଅନସୂୟା କୁମ୍ଭାର, ସମ୍ମାନିତ ଅତିଥି ରୂପେ ବ୍ଲକ୍ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଅନୀଲ ପାଣିଗ୍ରାହୀ, ମାୟାଧର ସରାଫ୍, ସରୋଜ ଦାଶ, ଦୈନିକ 'ସକାଳ' ପ୍ରତିନିଧି ନନ୍ଦିଘୋଷ ଖମାରୀ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା ଅଧିକାରୀ ପ୍ରଶାନ୍ତ ପଣ୍ଡା ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଅଶ୍ୱିନୀ ଓତା, ବଚନ ଭୋଇ, ନାରାୟଣ ମିଶ୍ର, ଡ. ବିନୋଦ ରଥ, ତୁମେଶ୍ୱର କର୍ମୀ, ଖେଳ ଶିକ୍ଷକ ଶଙ୍କର ବୈତରୁ, ଅଧ୍ୟାପିକା ପ୍ରୀତିବନ୍ୟା ପାଢ଼ୀ, ସୁଜାତା ବଙ୍ଗୋଳା, ପ୍ରଜ୍ଞା ବାରିକ, ଜୟଶ୍ରୀ ଦଣ୍ଡସେନା, ବନ୍ଦନା ଚଳାନ୍, ସନତ୍ ରଥ, ଗୋପୀ ନାଥ ହଂସ, ନରେଶ୍ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଜଗଦୀଶ ନାଏକ ଓ କସ୍ତୁରୀ ମାଝୀ ଚାମ୍ପିଅନ୍ ହୋଇଥିଲେ। ଅଧ୍ୟାପକ ଡ. ଦୀପକ୍ ଦାଶ ପରିଚାଳନା କରିଥିଲେ।



